ଧରିତ୍ରୀ
DHARITRI
December 05-11, 2021 ₹ 2/-

# ଛୁଟିଦିନ





୩

ପ୍ରଚ୍ଛଦ ପ୍ରସଙ୍ଗ

## ସଂଯୋଗ

କେବେ କାହା ସହ ଦେଖାହେବ, କାହା ସହିତ କ'ଣ ଘଟିବ, ଏସବୁ ଭାଗ୍ୟର ଲେଖା ନା ସଂଯୋଗର କଥା। ତେବେ ଏତିକି କୁହାଯାଇପାରେ, ଯେବେ ଯେବେ କିଛି ସଂଯୋଗ ଘଟେ ଲାଗେ ସତେଯେମିତି ଏମିତି କିଛି ଅଲୌକିକ ଶକ୍ତି ଅଛି, ଯାହା ଦ୍ୱାରା ସମସ୍ତେ ପରିଚାଳିତ ....



୪

# କଳାଜାଇ ଅଙ୍ଗର କେଉଁଠି ରହିଲେ ଶୁଭ

**କଳାଜାଇକୁ ସାଧାରଣତଃ ବ୍ୟୁଟି ସ୍ପଟ୍ ବୋଲି କୁହାଯାଇଥାଏ। କିନ୍ତୁ ଏହା ବି ଅନେକ ସମୟରେ ଆମକୁ ଶୁଭ, ଅଶୁଭର ସୂଚନା ଦେଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି। ତେବେ ଶରୀରର କେଉଁ ଅଙ୍ଗରେ କଳାଜାଇ ଥିଲେ କି ସୂଚନା ମିଳିଥାଏ ଆସନ୍ତୁ ଜାଣିବା ସେ ସମ୍ପର୍କରେ...**

* ଯାହାଙ୍କ ନାକରେ କଳାଜାଇ ଥାଏ, ସେମାନେ ଖୁବ୍ ଭାଗ୍ୟଶାଳୀ ହୋଇଥାନ୍ତି ଓ ଜୀବନରେ ଖୁବ୍ ଉନ୍ନତି କରିଥାନ୍ତି। କଷ୍ଟ କରି ସଫଳତା ପାଇବାରେ ତାଙ୍କର ବିଶ୍ୱାସ ରହିଥାଏ। ସେଥିପାଇଁ ସମସ୍ତେ ତାଙ୍କୁ ଖୁବ୍ ଭଲ ପାଇଥାନ୍ତି।
* ଯେଉଁ ବ୍ୟକ୍ତିଙ୍କ ତାଲୁ ଉପରେ କଳାଜାଇ ଥାଏ ସେ ପୁରୁଷ ହୁଅନ୍ତୁ ଅବା ମହିଳା, ସେମାନେ ଧନବାନ୍, ପ୍ରତିଷ୍ଠିତ ହେବା ସହ ଜୀବନରେ ଖୁବ୍ ଲୋକପ୍ରିୟତା ହାସଲ କରିଥାନ୍ତି।
* କିନ୍ତୁ ତାଲୁକୁ ଛାଡ଼ି ମୁଣ୍ଡର ଅନ୍ୟ



କେଉଁ ସ୍ଥାନ ଯେପରିକି ପଛପଟ ଅଥବା ମଥାର ଡାହାଣ ପଟେ କଳାଜାଇ ରହିବା ସେତେଟା ଶୁଭଫଳ ଦେଇ ନ ଥାଏ। ଏହି ସ୍ଥାନରେ କଳାଜାଇ ଥିବା ବ୍ୟକ୍ତିଙ୍କ ଜୀବନ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥାଏ ବୋଲି କୁହାଯାଏ।
* କାନ ଉପରେ କଳାଜାଇ ରହିବା ବୁଦ୍ଧିମାନ ତଥା ଚତୁରତାର ସଙ୍କେତ ଦେଇଥାଏ। ସେମାନେ ନିଜ ବୁଦ୍ଧି ବଳରେ ବହୁତ ଟଙ୍କା ଅର୍ଜନ କରିଥାନ୍ତି। କିନ୍ତୁ ସ୍ୱଭାବରେ ଏମାନେ ଖୁବ୍ ଖର୍ଚ୍ଚି ହୋଇଥାନ୍ତି।
* ମୁହଁର ବାମପଟେ କଳାଜାଇ ରହିବା ବିଶେଷ ଶୁଭଫଳ ଦେଇ ନ ଥାଏ। ହେଲେ ମୁହଁର ଡାହାଣ ପଟେ କିମ୍ବା ମଝି ଭାଗରେ କଳାଜାଇ ରହିଥିବା ବ୍ୟକ୍ତିମାନେ ଖୁବ୍ ଭାଗ୍ୟଶାଳୀ ହୋଇଥାନ୍ତି।
*ସେହିପରି ଡାହାଣ ପଟ ପତା ଉପରେ କଳାଜାଇ ଥିଲେ ସେମାନେ ଧାର୍ମିକ ସ୍ୱଭାବର ହୋଇଥାନ୍ତି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ
ପ୍ରସନ୍ନ କୁମାର ମହାପାତ୍ର

ଡିସେମ୍ବର ୫-୧୧

**ମେଷ**



ବନ୍ଧୁଙ୍କ ସହାନୁଭୂତି ଲାଭ, କର୍ମକ୍ଷେତ୍ରରେ ଆଶ୍ୱସ୍ତି, ଯାତ୍ରାରେ ସଫଳତା, କଳା ସାହିତ୍ୟରେ ସମ୍ମାନ, ବାଧାପ୍ରାପ୍ତ ବାଣିଜ୍ୟ, ବୁଝାମଣାରେ ଅଗ୍ରଗତି, ପ୍ରଶାସନିକ ତତ୍ପରତା, ଯାନବାହନରେ ତ୍ରୁଟି, ନିର୍ମାଣରେ ସମସ୍ୟା, ମାଙ୍ଗଳିକ କାର୍ଯ୍ୟର ପ୍ରସ୍ତୁତି, ଆର୍ଥିକ ସଂକଟ।

**ବୃଷ**



ଶାରୀରିକ ସୁସ୍ଥତା, ସ୍ଥଗିତ କର୍ମାରମ୍ଭ, ଲୋକ ସଂପର୍କ ବୃଦ୍ଧି, ବନ୍ଧୁମିଳନ। ଦେବଦର୍ଶନ, ପରିଭ୍ରମଣର ସୁଯୋଗ, ମୂଲ୍ୟବାନ୍ ଦ୍ରବ୍ୟ ଲାଭ, ବନ୍ଧୁଙ୍କୁ ଆପଣେଇବେ, ମନୋରଞ୍ଜନରେ ରୁଚି, ଅଧ୍ୟାପନାରେ ଉନ୍ନତି।

**ମିଥୁନ**



ଅବହେଳାରୁ କର୍ମହାନି, ସୁଯୋଗ ହାତଛଡ଼ା, ପଡ଼ୋଶୀଙ୍କ ଅସହଯୋଗ, ସମସ୍ୟାର ସମାଧାନ। ତିର୍ଥାଟନ ଚିନ୍ତା, ମାନସିକ ଅବସାଦ, ପାରିବାରିକ ସ୍ଥିତିରେ ଉନ୍ନତି, ପଦମର୍ଯ୍ୟାଦା ବୃଦ୍ଧି, ଆର୍ଥିକ ଅନଟନ, ନୂତନ ମୈତ୍ରୀ।

**କର୍କଟ**



ବନ୍ଧୁଙ୍କ ସାହାଯ୍ୟ, ସହକର୍ମୀଙ୍କ ମିଳାମିଶା, ପାରିବାରିକ ଶାନ୍ତି, ସମସ୍ୟାର ଅବସାନ, ଭୋଗ ବିଳାସ, ଲକ୍ଷ୍ୟସ୍ଥଳକୁ ଯାଇପାରନ୍ତି, ନୂତନ ସମ୍ପର୍କ ଯୋଡ଼ିବେ, ଶୁଭ ଖବର, ବିରୋଧୀଙ୍କ କଟୁ ମନ୍ତବ୍ୟ, କର୍ମଧାରାରେ ପରିବର୍ତ୍ତନ।

**ସିଂହ**



ଶାରୀରିକ ଅସୁସ୍ଥତା, ଆର୍ଥିକ ଦୁରବସ୍ଥା, ଗୋଳମାଳିଆ ପରିସ୍ଥିତି, ଆତ୍ମୀୟଙ୍କ ବେଖାତିର, ଅପ୍ରିୟସତ୍ୟ ଭାଷଣରୁ କଳହ, ଉଦାସ ରହିବେ, ଭ୍ରମଣ ସୁଖ ମିଳିବ, ଉପରିସ୍ଥଙ୍କ ଭୁଲ୍ ବୁଝାମଣା।

**କନ୍ୟା**



ଆଶାପୂରଣ ହେବ, ନୂତନ କାର୍ଯ୍ୟାରମ୍ଭ, ଅନୁକୂଳ ପରିବେଶ। ପ୍ରୀତିହାନିର ସମ୍ଭାବନା, ନୂଆ ଯୋଜନା କରିବେ, ପରିବାରରୁ ପ୍ରତିରୋଧ, ପୂର୍ବ ପ୍ରସ୍ତୁତିରେ ବ୍ୟତିକ୍ରମ, ଦୂରସ୍ଥାନକୁ ଯାତ୍ରା।

**ତୁଳା**



କର୍ମକ୍ଷେତ୍ରରେ ଉତ୍ସାହ, ବୟସ୍କଙ୍କ ପ୍ରେରଣା, ଦୁଃସାଧ କାର୍ଯ୍ୟ ସାଧନ, ବନ୍ଧୁ ପରାମର୍ଶ ଲୋଡ଼ିବେ, ଜଗିରଖି ଚଳନ୍ତୁ, କୂଟନୀତିରେ କାର୍ଯ୍ୟ ସାଧନ, ଅସୁବିଧା ଭୋଗିବେ। ପାରିବାରିକ ତିକ୍ତତା, ଭୂ-ସମ୍ପତ୍ତି ବିବାଦ, ଧୈର୍ଯ୍ୟହରା ହୋଇପାରନ୍ତି, ଧର୍ମକାର୍ଯ୍ୟରେ ରୁଚି।

**ବିଛା**



ଉଦ୍ୟମ ସଫଳ, ଗୌରବର୍ଣ୍ଣ ବ୍ୟକ୍ତିଙ୍କ ସାହାଯ୍ୟ, କଠୋର ପରିଶ୍ରମ, ଶାରୀରିକ କ୍ଳାନ୍ତିବୋଧ, ଆଶା ଫଳବତୀ ହେବ। ଦେବାର୍ଚ୍ଚନା ପାଇଁ ମନ, ଶୁଭକାର୍ଯ୍ୟରେ ଯୋଗଦାନ, ମାଙ୍ଗଳିକ ଉତ୍ସବର ପ୍ରସ୍ତୁତି, ସନ୍ତାନଙ୍କ ଆରୋଗ୍ୟ ଚିନ୍ତା॥

**ଧନୁ**



ଅସଂଯମତାରୁ ସମାଲୋଚନା, ବିବାଦଗ୍ରସ୍ତ ହୋଇପାରନ୍ତି, ଅଧିକ ଖର୍ଚ୍ଚ କରିବେ, କର୍ମ କ୍ଷେତ୍ରରେ ତତ୍ପରତା। ଟେନସନ୍ ବଢ଼ିବ, ଅଶୁଭ ଖବରପ୍ରାପ୍ତି, ବନ୍ଧୁଙ୍କ ସନ୍ଦେହ, ଜନକଲ୍ୟାଣ କର୍ମ, ସାହିତ୍ୟକୃତିରୁ ପ୍ରଶଂସା, ଋଣ ପରିଶୋଧ ଚିନ୍ତା।

**ମକର**



କାମ ଠିକ୍‌ଠାକ୍ ଚାଲିବ, ପରିସ୍ଥିତିକୁ ସଜାଡ଼ିବେ। ମାମଲାର ରଫାଦଫା, ପ୍ରଶାସନିକ ତତ୍ପରତା, ଉଚ୍ଚବର୍ଗର ସହଯୋଗ, ବ୍ୟବସାୟରେ ଲାଭ, ବନ୍ଧୁଙ୍କ ଓଲଟା କଥା, କଳାପ୍ରିୟ ହେବେ, ଯାନବାହନରେ ସମସ୍ୟା।

**କୁମ୍ଭ**



ମାନସିକ ଅବସାଦ, ପିତୃବର୍ଗରେ ପୀଡା, ଭ୍ରାତୃ ସମ୍ପର୍କରେ ନ୍ୟୂନତା, ଯାତ୍ରାର ପ୍ରସ୍ତୁତି, କର୍ମକ୍ଷେତ୍ରରେ ଅଭିଯୋଗ, ସହକର୍ମୀଙ୍କ ବିଶ୍ୱାସ ଘାତକତା, ସମାଲୋଚିତ ହେବେ। ସ୍ତ୍ରୀଙ୍କ ପ୍ରେରଣା, ଯୋଗାଯୋଗରେ ବାଧା, ଆନୁଷ୍ଠାନିକ କର୍ମାରମ୍ଭ।

**ମୀନ**



କର୍ମଦକ୍ଷତାରୁ ପ୍ରଶଂସା, ଅର୍ଥସମ୍ମାନ ପ୍ରାପ୍ତି, ଫାଇଲ୍ କାମବୃଦ୍ଧି। ଖର୍ଚ୍ଚାନ୍ତ ହେବେ, ସତର୍କରେ ଚଳନ୍ତୁ, ନିର୍ମାଣରେ ପ୍ରତିବନ୍ଧକ, ମିଥ୍ୟା ଅଭିଯୋଗ ଆସିବ, ସମ୍ପର୍କରେ ଉନ୍ନତି, ନୂଆ ବ୍ୟବସାୟ ଯୋଡ଼ିବେ, ଗୁରୁବର୍ଗଙ୍କ ପ୍ରେରଣା, ପିଠି ଥାପୁଡ଼େଇ କାମ ହାସଲ।

# ଆଲୋଭେରାର ଉପକାରିତା

ଆଲୋଭେରାରେ ଭରି ରହିଛି ଅନେକ ଔଷଧୀୟ ଗୁଣ ; ଯାହାକୁ ବ୍ୟବହାର କରି ଆମେ ଅତି ସହଜରେ ଅନେକ ସମସ୍ୟାରୁ ମୁକ୍ତି ପାଇପାରିବା। ଯଥା: ଶରୀରର କୌଣସି ସ୍ଥାନ କୁଣ୍ଡାଇ ହେଉଥିଲେ ସେହି ସ୍ଥାନରେ ଆଲୋଭେରା ଜେଲ୍‌କୁ କିଛିଦିନ ଲଗାଇଲେ, ଉକ୍ତ ସମସ୍ୟାରୁ ଶୀଘ୍ର ମୁକ୍ତି



ମିଳିଥାଏ ବୋଲି ବିଶ୍ୱାସ ରହିଛି। କେବଳ କୁଣ୍ଡାଇ ହେବା ନୁହେଁ, ଅନ୍ୟ ଯେ କୌଣସି ଚର୍ମ ରୋଗ ହେଉନା କାହିଁକି ସେହି ସ୍ଥାନରେ ଯଦି ଆଲୋଭେରା ଜେଲ୍‌କୁ ଲଗାଯାଏ ତା'ହେଲେ ମଧ୍ୟ କିଛିଟା ଉପଶମ ମିଳିଥାଏ ବୋଲି ସୂଚନା ଅଛି। ସେହିପରି ଆଲୋଭେରା ଜୁସ୍‌କୁ ନିୟମିତ ସେବନ କରିବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ ବୋଲି କୁହାଯାଏ, କାରଣ ଏଥିରେ ପ୍ରଚୁର ମାତ୍ରାରେ ଭରି ରହିଥାଏ ଭିଟାମିନ୍ ଏ, ଭିଟାମିନ୍-ବି ୧୨, ଭିଟାମିନ୍ ସି ଏବଂ ଇ। ତା'ସହିତ ଏଥିରେ ଅନେକ ପ୍ରକାରର ମିନେରାଲ୍ସ ବି ରହିଥାଏ ; ଯାହା ଆମ ଶରୀର ପାଇଁ ନିତାନ୍ତ ଆବଶ୍ୟକ। ଚୁଟିର ଚମକ୍ କମିଗଲେ ଅବା ହାତକୁ ରୁକ୍ଷ ଲାଗୁଥିଲେ, ନିୟମିତ ବ୍ୟବଧାନରେ ଚୁଟିରେ ଆଲୋଭେରା ରସ ଲଗାଇବା ଦ୍ୱାରା କିଛିଦିନ ପରେ ଚୁଟିରେ ଚମକ୍ ଫେରି ଆସିଥାଏ ।

# ପାଠକୀୟ

*ପ୍ରଥା ପରମ୍ପରା କ୍ରମେ ଚଳଣିରେ ସାମିଲ ହୋଇଯାଇଛି ନା ଚଳଣିରୁ ପ୍ରଥା ପରମ୍ପରାର ସୃଷ୍ଟି। ଏହା ତ ଭିନ୍ନ କଥା, କିନ୍ତୁ ଏମିତି କିଛି ଅଜବ ପ୍ରଥା ପରମ୍ପରା ରହିଛି, ଯାହାକୁ ନେଇ କୌଣସି ଯୁକ୍ତି ବି ନାହିଁ। ତଥାପି ପୁରୁଷ ପୁରୁଷ ଧରି ଏହା ଚାଲିଆସିଛି। ସେମିତି କେତୋଟି ଅଜବ ପରମ୍ପରା ସମ୍ପର୍କରେ ଏଥରର ଛୁଟିଦିନରେ ପ୍ରକାଶିତ ପ୍ରଚ୍ଛଦ ପ୍ରସଙ୍ଗ 'ଭିନ୍ନ ଏଇ ପରମ୍ପରା'ରୁ ଜାଣିବାକୁ ମିଳିବାରୁ ଖୁସି ଲାଗିଲା। 'ପକ୍ଷୀ ବି ଦେଇଥାନ୍ତି ଭବିଷ୍ୟତର ସଙ୍କେତ' ପାଠଟିରୁ ବହୁ ଅଜଣା କଥା ଜାଣିହେଲା। 'ମଶା ଘଉଡ଼ାଇବାର ଘରୋଇ ଉପାୟ' ଏକ ତଥ୍ୟପୂର୍ଣ୍ଣ ବିଷୟ ଥିଲା।

*-ସୁକାନ୍ତ କୁମାର ମହାନ୍ତି, ରେଲୱେ କଲୋନୀ, ପୁରୀ*

*ଜୀବନକୁ ସରସ ସୁନ୍ଦର କରିବା ପାଇଁ ବିଭିନ୍ନ ଧର୍ମରେ ଭିନ୍ନ ଭିନ୍ନ ପରମ୍ପରାମାନ ପାଳନ କରାଯାଇଥାଏ। କିନ୍ତୁ ଏମିତି ବି କିଛି ନିଆରା ପରମ୍ପରା ରହିଛି, ଯାହା ଆମକୁ ବେଶ୍ ଅଜବ ଲାଗିଲେ ବି କେତେକ ସମ୍ପ୍ରଦାୟର ଲୋକେ ଏବେ ବି ଏହାକୁ ମାନି ଚାଲିଛନ୍ତି। ସେମିତି କେତୋଟି ଭିନ୍ନ ପରମ୍ପରା ସମ୍ପର୍କରେ ଛୁଟିଦିନର ପ୍ରଚ୍ଛଦ ପ୍ରସଙ୍ଗରୁ ଜାଣିବାକୁ ମିଳିବାରୁ ମୋତେ ଖୁବ୍ ଭଲ ଲାଗିଲା। ସେହିପରି ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ ଫ୍ୟାଶନର ଏକ ନୂଆ ଟ୍ରେଣ୍ଡ 'କୁଲ୍ କାର୍ଟୁନ୍ ପ୍ରିଣ୍ଟ' ସମ୍ପର୍କରେ ଜାଣିହେଲା। ଅନ୍ୟପକ୍ଷେ ବ୍ୟକ୍ତିତ୍ୱ ପୃଷ୍ଠାରୁ ଟିଭି, ସିରିଏଲ୍, ଥିଏଟର୍, ଅପେରା ଆଦି ବିଭିନ୍ନ କ୍ଷେତ୍ରରେ ନିଜର ଏକ ଭିନ୍ନ ପରିଚୟ ସୃଷ୍ଟି କରିପାରିଥିବା ଅଭିନେତା ତଥା ନାଟ୍ୟ ନିର୍ଦ୍ଦେଶକ ଉମାକାନ୍ତ ସାହାଙ୍କ ସଂଘର୍ଷପୂର୍ଣ୍ଣ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିଲା।

*-ଅନିଲ୍ କୁମାର ସାହୁ, ରାଉରକେଲା*

*ସୃଜନ ପୃଷ୍ଠାରେ ସ୍ଥାନିତ 'ଋଣ' ନାମକ ଗପଟି ମୋ ମନକୁ ବେଶ୍ ଛୁଇଁଗଲା। ସେହିପରି 'ସମୁଦ୍ର ଓ କଙ୍କି' ନାମକ କବିତାଟି ବି ଖୁବ୍ ମନଛୁଆଁ ହୋଇପାରିଥିଲା। ସିନେମା ପୃଷ୍ଠାଟି ବି ବେଶ୍ ଆକର୍ଷଣୀୟ ଲାଗୁଥିଲା। ବିଶେଷକରି ଏଥିରେ ସ୍ଥାନିତ 'କମେଡି ନିଶାରେ ତାପସୀ', 'ଅକ୍ଷୟଙ୍କ ମହାନତା', 'ମନ ଜିଣିବେ ବାଣୀ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ଅତି ମର୍ମସ୍ପର୍ଶୀ ଥିଲା। ଅନ୍ୟପକ୍ଷେ ପ୍ରଥମ ରୋଜଗାର ସ୍ତମ୍ଭରୁ ଶିକ୍ଷୟିତ୍ରୀ, ଲେଖିକା, ମଞ୍ଚ ଉପସ୍ଥାପିକା ବିଜୟଲକ୍ଷ୍ମୀ ପାଣିଗ୍ରାହୀଙ୍କ ରୋଜଗାର ସମ୍ପର୍କିତ ଲେଖାଟି ବି ହୃଦୟସ୍ପର୍ଶୀ ଲାଗୁଥିଲା।

*-ସୁଚିତ୍ରା ପାଣିଗ୍ରାହୀ, ଚୌଦ୍ୱାର, କଟକ*

*ପେପରମ୍ୟାନ ଭାବେ ପରିଚିତ ଶଶାଙ୍କଶେଖର ଦାଶଙ୍କ ପ୍ରତିଭା ସମ୍ପର୍କରେ ଏଥରର ଛୁଟିଦିନରୁ ଜାଣିହେଲା। ମଡେଲ୍ ମିରର୍‌ରେ ଦେବ୍ ବେଶ୍ ହ୍ୟାଣ୍ଡସମ୍ ଲାଗୁଥିଲେ। ସେହିପରି ହାଃ ହାଃ ବି ଖୁବ୍ ମଜାଳିଆ ହୋଇପାରିଥିଲା। ସହରଠୁ ଦୂର ପୃଷ୍ଠାରୁ 'ପାହାଡ଼ ଓ ଝରଣାର ସହର ୟେଲ୍ଲାପୁର' ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ଅନ୍ୟପକ୍ଷେ ବିବିଧା ଓ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ ଆଶ୍ଚର୍ଯ୍ୟକର ପାଠଗୁଡ଼ିକ ବି ମନଛୁଆଁ ହୋଇପାରିଥିଲା।

*-ରକୁଲ୍, ମୁକୁଲ୍, ସୁଦେଶ, ଝାରସୁଗୁଡ଼ା*

## ବିଶେଷ ଚିଠି



ପ୍ରଚ୍ଛଦରେ ଥିଲା ଭିନ୍ନ ଏଇ ପରମ୍ପରା
ଲାଗୁଥିଲା ସିଏ ଭାରୀ ନିଆରା।
ସତରେ ଛୁଟିଦିନ ତୁମ ଯବାବ ନାହିଁ
ପ୍ରତିଥର ନୂଆ ବିଷୟ ଆଣ ଆମପାଇଁ।
ଷୋହଳ ପୃଷ୍ଠା ତୁମ ଲାଗେ ଭାରୀ ଖାସ୍
କରିଥାଏ ସଭିଙ୍କ ମନକୁ ପୂରା ଝକାସ୍।
ଏମିତି ସବୁବେଳେ ଆସୁଥାଅ ହେ ଛୁଟିଦିନ
କିଣୁଥାଅ ଏପରି ସଭିଙ୍କର ମନ।

*-ମନସ୍ୱିନୀ ଦାଶ, ପଟିଆ, ଭୁବନେଶ୍ୱର*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ସଂଯୋଗ

କେବେ କାହା ସହ ଦେଖାହେବ, କାହା ସହିତ କ'ଣ ଘଟିବ, ଏସବୁ ଭାଗ୍ୟର ଲେଖା ନା ସଂଯୋଗର କଥା! ନା ଭାଗ୍ୟ ଓ ସଂଯୋଗ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ! ତେବେ ଏତିକି କୁହାଯାଇପାରେ ଯେବେ ଯେବେ କିଛି ସଂଯୋଗ ଘଟେ ଲାଗେ ସତେଯେମିତି ଭଗବାନ ତାଙ୍କ ଉପସ୍ଥିତିର ପ୍ରମାଣ ଦେଉଛନ୍ତି । ଆଉ କିଛି ଅଲୌକିକ ଶକ୍ତି ଦ୍ୱାରା ଯେ ସମସ୍ତେ ପରିଚାଳିତ ତାହା ସମସ୍ତଙ୍କୁ ଚେତେଇ ଦେଉଛନ୍ତି ....



**ଟାଇଟାନିକ୍ ଜାହାଜ ବୁଡ଼ିବା ପୂର୍ବରୁ ବୁଡ଼ି ସାରିଥିଲା:** ୧୯୧୨, ଏପ୍ରିଲ ୧୫ ଉତ୍ତର ଆଟଲାଣ୍ଟିକ ମହାସାଗରରେ ଏକ ବରଫ ପାହାଡ଼ ସହ ଧକ୍କା ହୋଇ ବୁଡ଼ିଯାଇଥିଲା ବିରାଟକାୟ ଟାଇଟାନିକ ଜାହାଜ। ଏଥିରେ ୧୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିଲା। ଏତେ ବଡ଼ ଦୁର୍ଘଟଣାକୁ ଆଜି ବି କେହି ମନରୁ ଭୁଲାଇ ପାରିନାହାନ୍ତି। ତେବେ ଜାଣନ୍ତି କି ଟାଇଟାନିକ ବୁଡ଼ିବାର ୧୪ ବର୍ଷ ପୂର୍ବରୁ ୧୮୯୮ରେ ଆମେରିକୀୟ ଲେଖକ ମୋର୍ଗାନ ରବର୍ଟସନ୍ 'ଦ ରେକ୍ ଅଫ୍ ଦି ଟାଇଟନ: ଅର୍, ଫୁ୍ୟଟିଲିଟି' ନାମକ ଏକ ପୁସ୍ତକ ପ୍ରକାଶ କରିଥିଲେ। ସେଥିରେ ସେ 'ଟାଇଟନ୍' ନାମକ ଏକ ଜାହାଜର କାହାଣୀ ଲେଖିଥିଲେ, ଯାହାକି ଦୁର୍ଘଟଣାଗ୍ରସ୍ତ ହୋଇ ବୁଡ଼ିଯାଇଥିଲା। ପୁସ୍ତକରେ ବର୍ଣ୍ଣିତ ତାଙ୍କର ଟାଇଟନ୍ ଜାହାଜ ସହିତ ଟାଇଟାନିକ ଜାହାଜର ଥିଲା ଅନେକ ସାମଞ୍ଜସ୍ୟ। ଉଭୟ ଜାହାଜ ଅନ୍‌ସିଙ୍କେବଲ୍ ତଥା ନ ବୁଡ଼ିବା ପାଇଁ ସେଥିରେ ହୋଇଥିଲା ସମସ୍ତ ପ୍ରକାରର ବ୍ୟବସ୍ଥା। ଉଭୟର ଆକାର, ବେଗ ଓ ଜୀବନରକ୍ଷକ ସାମଗ୍ରୀ ଥିଲା ଏକାପ୍ରକାରର। ଉଭୟରେ ସବୁ ଯାତ୍ରୀଙ୍କ ପାଇଁ ଆବଶ୍ୟକୀୟ ମାତ୍ରାର ଲାଇଫ୍ ବୋଟ୍ ନ ଥିଲା। ଆଉ ସବୁଠୁ ବଡ଼ କଥା ଉଭୟ ଟାଇଟନ୍ ଓ ଟାଇଟାନିକ ଜାହାଜ ଆଇସ୍ ବର୍ଗ ବା ହିମଖଣ୍ଡ ସହ ଧକ୍କା ହୋଇ ବୁଡ଼ିଥିଲା। ସେ ପୁଣି ଉତ୍ତର ଆଟଲାଣ୍ଟିକ ମହାସାଗରରେ ଓ ଏପ୍ରିଲ ମାସରେ। ତେଣୁ ଯେବେ ଟାଇଟାନିକ ଜାହାଜ ଦୁର୍ଘଟଣାଗ୍ରସ୍ତ ହୋଇ ବୁଡ଼ିଗଲା ସମସ୍ତେ ମୋର୍ଗାନ୍‌ଙ୍କୁ ଭବିଷ୍ୟଦ୍ରଷ୍ଟା ମନେ କଲେ। ସେ ଆଗୁଆ ଟାଇଟାନିକ ଜାହାଜ ବୁଡ଼ିବ ବୋଲି ଜାଣିପାରିଥିଲେ ବୋଲି ଚର୍ଚ୍ଚା ହେଲା। ଆଉ ୧୯୧୨ରେ ତାଙ୍କ ପୁସ୍ତକକୁ ରିଭାଇଜ୍ କରାଯାଇ 'ଦ ରେକ୍ ଅଫ୍ ଦି ଟାଇଟନ୍' ନାମରେ ପୁନଃ ପ୍ରକାଶ କରାଗଲା ।

**ଲିଙ୍କନ୍ ଓ କେନେଡିଙ୍କ ଭାଗ୍ୟର ସଂଯୋଗ:** ଆବ୍ରାହମ ଲିଙ୍କନ୍ ଓ ଜନ୍ ଏଫ୍ କେନେଡି ଉଭୟେ ଥିଲେ ଆମେରିକାର ରାଷ୍ଟ୍ରପତି। ଏହି ଦୁଇ ରାଷ୍ଟ୍ରପତିଙ୍କ ଭାଗ୍ୟର ରେଖାକୁ ଯେମିତି କେହି ଜଣେ ଏକାପ୍ରକାରର ଲେଖି ଦେଇଥିଲେ। ଏଭଳି କହିବାର କାରଣ ହେଉଛି ଯେ, ସେମାନଙ୍କ ଜୀବନର ଅନେକ ଫର୍ଦ୍ଦ ଥିଲା ଏକାପରି। ଯେମିତିକି ଉଭୟଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଆଉ ଗୁଳି ଦୁହିଁଙ୍କ ମୁଣ୍ଡରେ ବାଜିଥିଲା। ଉଭୟେ ଶୁକ୍ରବାର ଦିନ ଏବଂ ଏକ ଜାତୀୟ ଛୁଟିର ପୂର୍ବ ଦିନ ମୃତ୍ୟୁବରଣ କରିଥିଲେ। ଲିଙ୍କନ୍ ଇଷ୍ଟରର ପୂର୍ବଦିନ ପଡ଼ିଥିବା ଶୁକ୍ରବାରରେ ଏବଂ କେନେଡି ଥ୍ୟାଙ୍କସ୍ ଗିଭିଂ ପୂର୍ବଦିନର ଶୁକ୍ରବାର ମୃତ୍ୟୁବରଣ କରିଥିଲେ। ମୃତ୍ୟୁଦିନ ଉଭୟ ରାଷ୍ଟ୍ରପତି ନିଜ ନିଜର ପତ୍ନୀ ଓ ଅନ୍ୟ ଏକ ଦମ୍ପତି ସହ ଥିଲେ। ଉଭୟ ରାଷ୍ଟ୍ରପତିଙ୍କର ୪ଟି ସନ୍ତାନ ଥିଲେ। ଉଭୟଙ୍କ ନିକଟତମ ବନ୍ଧୁଙ୍କ ନାମ ବିଲି ଗ୍ରାହମ୍ ଥିଲା। ଆଉ ଏକ ମଜାଦାର କଥା କେନେଡିଙ୍କ ସେକ୍ରେଟାରିଙ୍କ ନାମ 'ମିସେସ୍ ଲିଙ୍କନ' ଥିବାବେଳେ ଲିଙ୍କନ୍‌ଙ୍କ ସେକ୍ରେଟାରିଙ୍କ ନାମ ଥିଲା 'ଜନ୍'। ଆଉ ଉଭୟଙ୍କ ଉପ-ରାଷ୍ଟ୍ରପତିଙ୍କ ନାମ ଜନ୍‌ସନ୍ ଥିଲା। ତା'ସହ ଉଭୟ ରାଷ୍ଟ୍ରପତି ଡେମୋକ୍ରାଟ ଥିଲେ।



**ଏଡଗାର୍ ଆଲନ୍ ପୋ'ଙ୍କର ଥିଲା କି ଟାଇମ୍ ମେଶିନ୍:** ଟାଇଟନ୍ ଓ ଟାଇଟାନିକ୍ ମଧ୍ୟରେ ଥିବା ସାମଞ୍ଜସ୍ୟ ପାଇଁ ମୋର୍ଗାନ ରବର୍ଟସନ୍‌ଙ୍କୁ ଯେମିତି ଭବିଷ୍ୟଦ୍ରଷ୍ଟା କୁହାଯାଏ, ସେହିଭଳି ଆମେରିକୀୟ ଲେଖକ ଏଡଗାର୍ ଆଲନ୍ ପୋ'ଙ୍କର ମଧ ଭବିଷ୍ୟ ଦେଖିବାର କ୍ଷମତା ଥିଲା ବୋଲି ଅନେକେ କହନ୍ତି। କେହି କେହି ତ କହନ୍ତି ବୋଧହୁଏ ତାଙ୍କ ପାଖରେ ଟାଇମ୍ ମେଶିନ୍ ଥିଲା। ଏଭଳି କହିବାର କାରଣ ହେଉଛି ୧୮୩୮ରେ ପ୍ରକାଶ ପାଇଥିବା ତାଙ୍କର ବହି 'ଦି ନାରେଟିଭ୍ ଅଫ୍ ଆରଥର୍ ଗରଡୋନ୍ ପାଇମ୍ ଅଫ୍ ନାନ୍‌ଟୁକେଟ୍'। ପୋ' ଏଥିରେ ଚାରିଜଣ ନାବିକଙ୍କ କାହାଣୀ ବର୍ଣ୍ଣନା କରିଥିଲେ। ଯେଉଁମାନେକି ନୌକା ଦୁର୍ଘଟଣାରେ ବଞ୍ଚିଯାଇଥିଲେ। ହେଲେ ସମୁଦ୍ରରେ ହଜିଗଲେ। ଆଉ ଖାଇବା ପିଇବା ପାଇଁ ତାଙ୍କ ପାଖରେ କିଛି ନ ଥିଲା। ପରିସ୍ଥିତି ଏଭଳି ସୃଷ୍ଟି ହେଲା ଯେ, ଶେଷରେ ରିଚାର୍ଡ ପାର୍କର୍ ନାମକ ଜଣେ ଶିପ୍‌ବୟ ଅନ୍ୟ ସାଥୀଙ୍କୁ ବଞ୍ଚାଇବା ପାଇଁ ନିଜ ଜୀବନକୁ ବଳି ଦେଇଥିଲା। ଆଉ ସେମାନେ ପାର୍କରକୁ ଆହାରଭାବେ ଗ୍ରହଣ କରି ଜୀବନ ବଞ୍ଚାଇଥିଲେ। ସେତେବେଳେ ଏହି କାହାଣୀକୁ ଏଡଗାର ଆଲନ୍ ପୋ' ଏକ ସତ କାହାଣୀ ବୋଲି ଦାବି କରିଥିଲେ। କିନ୍ତୁ ସେହି ସମୟ ପର୍ଯ୍ୟନ୍ତ ଏଭଳି କୌଣସି ଘଟଣା ଘଟି ନ ଥିଲା। ତେଣୁ କେହି ଏହି କାହାଣୀକୁ ବାସ୍ତବ ବୋଲି ମାନିବାକୁ ରାଜି ହୋଇ ନ ଥିଲେ। ହେଲେ ଏହି ପୁସ୍ତକ ପ୍ରକାଶ ପାଇବାର ଦୀର୍ଘ ବର୍ଷ ପରେ ୧୮୮୪ ମସିହାରେ ସତକୁ ସତ 'ମିଗ୍‌ନୋନେଟ୍' ନାମକ ଏକ ୟଟ୍ (ଏକ ପ୍ରକାରର ନୌକା) ସମୁଦ୍ରରେ ବୁଡ଼ିଗଲା। ଆଉ ୪ ଜଣ କ୍ରୁ ସଦସ୍ୟ ଲାଇଫ୍ ବୋଟ୍‌ରେ କୌଶଳ କରି ଖସିଆସି ବଞ୍ଚିଗଲେ। ସେଥିମଧ୍ୟରେ ରିଚାର୍ଡ ପାର୍କର ନାମକ ଜଣେ ଯୁବକ ଥିଲେ। ପ୍ରବଳ ଶୋଷ ହେଉଥିବାରୁ ସେ ସମୁଦ୍ର ଜଳ ପିଇ ତୃଷ୍ଣା ମେଣ୍ଟାଇବାକୁ ଚାହିଁଲେ। ହେଲେ ସମୁଦ୍ରର ଲୁଣି ଜଳ ପିଇବା ଦ୍ୱାରା ଅସୁସ୍ଥ ହୋଇଗଲେ। ରିଚାର୍ଡଙ୍କର ଏଭଳି ଅବସ୍ଥା ଦେଖି ଅନ୍ୟ ସାଥୀ କ୍ରୁ ସଦସ୍ୟ ନିଜକୁ ବଞ୍ଚାଇବା ପାଇଁ ରିଚାର୍ଡଙ୍କୁ ହତ୍ୟା କରି ତା'ର ରକ୍ତ ପିଇବାକୁ ନିଷ୍ପତ୍ତି ନେଲେ। ଆଉ ପାର୍କର ଅତ୍ୟଧିକ ରୋଗଗ୍ରସ୍ତ ହୋଇ ମରିବା ପୂର୍ବରୁ ତାକୁ ହତ୍ୟା କରି ତା'ର ରକ୍ତ ପିଇ କିଛିଦିନ ବଞ୍ଚିଗଲେ। ହେଲେ କୂଳକୁ ଫେରିବା ପରେ ସେମାନଙ୍କ ଉପରେ ହତ୍ୟା ଆରୋପ ଲଗାଯାଇଥିଲା। ଏଇ ଘଟଣା ଘଟିବା ପରେ ଚର୍ଚ୍ଚା ହେବାକୁ ଲାଗିଲା ଯେ, ଏଡଗାର ଆଲନ୍ ପୋ'ଙ୍କ ପାଖରେ ବୋଧହୁଏ ଟାଇମ୍ ମେଶିନ୍ ଥିଲା। ଆଉ ତାରି ସାହାଯ୍ୟରେ ସେ ୫୦ ବର୍ଷ ପରେ ଘଟିବାକୁ ଯାଉଥିବା ଘଟଣାକୁ ଆଗୁଆ ଜାଣିପାରିଥିଲେ।



**୪ଟି ଜାହାଜ ଦୁର୍ଘଟଣା ମଧ୍ୟରେ ଗୋଟିଏ ସମାନତା 'ହ୍ୟୁ ୱିଲିୟମ୍‌ସ':** ଡିସେମ୍ବର ୫, ୧୬୬୪ରେ ୱେଲ୍ସର ମେଇନ୍ ଷ୍ଟ୍ରେଟ୍‌ରେ ଏକ ଜାହାଜ ବୁଡ଼ି ଯାଇଥିଲା। ସେଥିରେ ଜଣଙ୍କୁ ଛାଡ଼ି ଅନ୍ୟ ସମସ୍ତଙ୍କର ମୃତ୍ୟୁ ହୋଇଥିଲା। ଜୀବିତ ରହିଯାଇଥିବା ସେହି ବ୍ୟକ୍ତିଙ୍କ ନାମ ଥିଲା 'ହ୍ୟୁ ୱିଲିୟମ୍‌ସ'। ସେହିଭଳି ଡିସେମ୍ବର ୫, ୧୭୮୫ରେ ଆଉ ଏକ ଜାହାଜ ସେହି ସ୍ଥାନରେ ବୁଡ଼ିଥିଲା। ଏଥିରେ ୧୨୭ ଜଣ ମୃତ୍ୟୁବରଣ କରିଥିଲେ। ହେଲେ ସୌଭାଗ୍ୟବଶତଃ ଜଣେ ବଞ୍ଚିଯାଇଥିଲେ। ସେହି ବ୍ୟକ୍ତିଙ୍କ ନାମ ମଧ ଥିଲା 'ହ୍ୟୁ ୱିଲିୟମ୍‌ସ'। ପୁଣି ୫ ଡିସେମ୍ବର, ୧୮୨୦ରେ ଥେମ୍‌ସ ନଦୀରେ ଏକ ପିକ୍‌ନିକ୍ ବୋଟ୍ ବୁଡ଼ି ଯାଇଥିଲା। ସେଥିରେ ବି ଜଣେ ବ୍ୟକ୍ତି ଜୀବିତ ରହି ଅନ୍ୟମାନେ ମୃତ୍ୟୁବରଣ କରିଥିଲେ। ସଂଯୋଗବଶତଃ ସେହି ବ୍ୟକ୍ତିଙ୍କ ନାମ ମଧ ଥିଲା 'ହ୍ୟୁ ୱିଲିୟମ୍‌ସ'।

→


ଏନ୍‌ଜୋ ଫରାରୀ


ମେସୁଟ ଓଜିଲ


ଆବ୍ରାହମ ଲିଙ୍କନ ଜନ୍ ଏଫ୍ କେନେଡି





ମୋର୍ଗାନ ରବର୍ଟସନ୍


ଭାଓଲେଟ୍ ଜେସପ୍

ସେହିଭଳି ଜୁଲାଇ ୧୦, ୧୯୪୦ରେ ଏକ ବ୍ରିଟିଶ ବୋଟ୍ ବୁଡି ଯାଇଥିଲା। ସେଥିରେ ଦୁଇଜଣଙ୍କୁ ଛାଡି ଅନ୍ୟ ସମସ୍ତେ ମୃତ୍ୟୁବରଣ କରିଥିଲେ। ଆଉ ସବୁଠୁ ଆଶ୍ଚର୍ଯ୍ୟକର କଥା ସେହି ଦୁଇଜଣ ବ୍ୟକ୍ତିଙ୍କ ନାମ ବି ଥିଲା 'ହ୍ୟୁ ୱିଲିୟମ୍‌ସ। ତେଣୁ ଅନେକେ କହିବାକୁ ଲାଗିଲେ ଯେ 'ହ୍ୟୁ ୱିଲିୟମ୍‌ସ' ନାମଟି ହେଉଛି 'ଅନ୍ ସିଙ୍କେବଲ୍'।

**ତିନୋଟି ଜାହାଜ ଦୁର୍ଘଟଣାରୁ ବଞ୍ଚିଥିବା ନର୍ସ:** ଭାଓଲେଟ୍ ଜେସପ୍ ଆର୍ଜେଣ୍ଟିନାର ଜଣେ ନର୍ସ ଏବଂ ଓସେନ୍ ଲାଇନର୍ ଷ୍ଟେୱାର୍ଡେସ୍ ଥିଲେ। ଯେକି ଜାହାଜରେ ଯାତ୍ରୀଙ୍କର କୌଣସି ରୋଗ ହେଲେ ଚିକିତ୍ସା କରିବା ସହ ସେମାନଙ୍କ ଖାଦ୍ୟ ପାନୀୟ କଥା ମଧ୍ୟ ବୁଝୁଥିଲେ। ତେବେ ପରବର୍ତ୍ତୀ ସମୟରେ ସେ ସାରା ପୃଥିବୀରେ 'ମିସ୍ ଅନସିଙ୍କେବଲ୍' ନାମରେ ବେଶି ପରିଚିତ ହେଲେ। କାରଣ ସେ ଦୁଇ ଦୁଇଟି ଜାହାଜ ଦୁର୍ଘଟଣାରେ ସୁରକ୍ଷିତଭାବେ ବଞ୍ଚିଯାଇଥିଲେ। ୧୯୧୨ର ଆର୍‌ଏମ୍‌ଏସ୍ ଟାଇଟାନିକ ଜାହାଜ ଦୁର୍ଘଟଣାବେଳେ ଜେସପ୍ ସେଥିରେ ଥିଲେ। ଅଥଚ ସୁରକ୍ଷିତ ଭାବେ ବଞ୍ଚିଯାଇଥିଲେ। ସେହିଭଳି ୧୯୧୬ରେ ଟାଇଟାନିକ୍‌ର ସିଷ୍ଟର ସିପ୍ ଭାବେ ପରିଚିତ ଏଚ୍‌ଏମ୍‌ଏଚ୍‌ଏସ୍ ବ୍ରିଟାନିକ ଜାହାଜ ଦୁର୍ଘଟଣାବେଳେ ବି ଜେସ୍‌ପ ସେଥିରେ ଥିଲେ। ଆଉ ସେ ଏକ ଲାଇଫ୍ ବୋଟ୍‌ରେ ଚାଲିଆସିଥିଲେ। ଏମିତିକି ଲାଇଫ୍ ବୋଟ୍‌ଟି ଯେତେବେଳେ ଜାହାଜର ପ୍ରପେଲର୍ ନିକଟକୁ ଆସି ବୁଡିଯାଇଥିଲା ଜେସପ୍ ସେଥିରୁ ଡେଇଁ ବଞ୍ଚିଯାଇଥିଲେ। ଖାଲି ସେତିକି ନୁହେଁ ଆଉ ଏକ ଜାହାଜ ଆର୍‌ଏମ୍‌ଏସ୍ ଅଲିମ୍ପିକ୍ ଯେବେ ଏକ ୱାର୍ ସିପ୍ ସହ ଧକ୍କା ହେଲା ସେତେବେଳେ ବି ସେ ଅଲିମ୍ପିକ ଜାହାଜରେ ଥିଲେ। ଯଦିଓ ସୌଭାଗ୍ୟବଶତଃ ଅଲିମ୍ପିକ ଜାହାଜଟି ବୁଡି ନ ଥିଲା।

**ଏନ୍‌ଜୋ ଫରାରୀ ଓ ମେସୁଟ ଓଜିଲ୍ 'ଭିନ୍ନ ମଣିଷ ଚେହେରା ସମାନ':** ନାମୀଦାମୀ କାର୍ ବ୍ରାଣ୍ଡ ଫରାରୀର ପ୍ରତିଷ୍ଠାତା ହେଉଛନ୍ତି ଏନ୍‌ଜୋ ଫରାରୀ। ତାଙ୍କର ଦେହାନ୍ତ ୧୯୮୮, ୧୪ ଅଗଷ୍ଟରେ ହୋଇଥିଲା। ତେବେ ତାଙ୍କ ମୃତ୍ୟୁର ଏକ ମାସ ପରେ ୧୫ ଅକ୍ଟୋବରରେ ଜନ୍ମ ନେଇଥିଲେ ଜଣେ ପ୍ରସିଦ୍ଧ ବ୍ୟକ୍ତି। ନାଁ ତାଙ୍କର ମେସୁଟ୍ ଓଜିଲ। ଯେ କି ପରବର୍ତ୍ତୀ ସମୟରେ ଜର୍ମାନୀର ଜଣେ ପ୍ରସିଦ୍ଧ ଫୁଟବଲ ଖେଳାଳି ଭାବେ ପରିଚିତ ହେଲେ। ଏନ୍‌ଜୋ ଫରାରୀ ଓ ମେସୁଟ ଓଜିଲ ଦୁହେଁ ରକ୍ତ ସମ୍ପର୍କର ନୁହନ୍ତି। ଏମିତିକି ଦୂର ଦୂର ପର୍ଯ୍ୟନ୍ତ କୌଣସି ସମ୍ପର୍କ ସେମାନଙ୍କର ନାହିଁ। ହେଲେ ଦୁହିଁଙ୍କ ଚେହେରାରେ ରହିଛି ଅସମ୍ଭବ ସାମଞ୍ଜସ୍ୟ। ଆଖି, ନାକ, ପାଟି ସବୁକିଛି ଏକାପରି। ଲାଗେ ସତେ ଯେମିତି ଦୁହେଁ ଯାଆଁଳା ଭାଇ। ତେବେ ଏହାକୁ ପୁନର୍ଜନ୍ମ କୁହାଯିବ ନା ସଂଯୋଗ।


ଏଡଗାର୍ ଆଲନ୍ ପୋ'

**ହୁଭର୍ ଡ୍ୟାମ୍ ନିର୍ମାଣବେଳେ ବାପା ଓ ପୁଅଙ୍କ ମୃତ୍ୟୁ ସମାନ ତାରିଖରେ:** ୟୁନାଇଟେଡ ଷ୍ଟେଟ୍‌ସ୍ ବ୍ୟୁରୋ ଅଫ୍ ରିକ୍ଲାମେସନ୍ ଅନୁଯାୟୀ ଆରିଜୋନା ଓ ନେଭାଡାକୁ ସଂଯୋଗ କରିବା ପାଇଁ କଲରାଡୋ ନଦୀ ଉପରେ ନିର୍ମାଣ ହେଉଥିବା 'ହୁଭର୍ ଡ୍ୟାମ'ରେ କାର୍ଯ୍ୟ କରୁଥିବା ୨୧,୦୦୦ ଲୋକଙ୍କ ଭିତରେ ୧୧୨ ଜଣଙ୍କର ମୃତ୍ୟୁ କାର୍ଯ୍ୟ କରିବା ସମୟରେ ହୋଇଥିଲା। ଏମାନଙ୍କ ମଧ୍ୟରେ ପ୍ରଥମେ ଯିଏ ମୃତ୍ୟୁବରଣ କରିଥିଲେ ସେ ହେଉଛନ୍ତି 'ଜନ ଗ୍ରେଗୋରୀ ଟିଏର୍ନି'। ଡିସେମ୍ବର ୨୦ ତାରିଖ ୧୯୨୨ ମସିହାରେ ସେ ଓ ତାଙ୍କ ସହଯୋଗୀ ନିର୍ମାଣ ପୂର୍ବରୁ ଡ୍ୟାମ୍ ପାଇଁ ଉପଯୁକ୍ତ ସ୍ଥାନ ବାଛିବା ଲାଗି ଭୂତାତ୍ତ୍ୱିକ ନିରୀକ୍ଷଣ(ଜିଓଲୋଜିକାଲ ସର୍ଭେ) କରିବାବେଳେ ହଠାତ୍ ବନ୍ୟା ଆସି ଭୟଙ୍କର କଲରାଡୋ ନଦୀ ଜଳରେ ବୁଡି ସେ ମୃତ୍ୟୁବରଣ କରିଥିଲେ। ଏହି ଘଟଣାର ୧୪ ବର୍ଷ ପରେ ଯେଉଁଦିନ ଟିଏର୍ନିଙ୍କ ମୃତ୍ୟୁବାର୍ଷିକୀ ଥିଲା ଅର୍ଥାତ୍ ଡିସେମ୍ବର ୨୦, ୧୯୩୫ରେ ଏହି ଡ୍ୟାମ୍ ପ୍ରୋଜେକ୍ଟର ଶେଷ ମୃତ୍ୟୁ ହୋଇଥିଲା। ଆଉ ଯିଏ ମୃତ୍ୟୁବରଣ କରିଥିଲେ ସେ ଥିଲେ ଟିଏର୍ନିଙ୍କ ପୁଅ ପାର୍ଟିକ ୱିଲିୟମ୍ ଟିଏର୍ନି। ଲସ୍ ଭେଗାସ୍ ରିଭ୍ୟୁ ଜର୍ନାଲ ଅନୁଯାୟୀ ବାପାଙ୍କ ପଦାଙ୍କ ଅନୁସରଣ କରି ଡ୍ୟାମ୍ ନିର୍ମାଣ କାର୍ଯ୍ୟ କରୁଥିବା ପାର୍ଟିକ ଆରିଜୋନା ପଟରେ ଥିବା ଇନଟେକ୍ ଟାୱାରରୁ ଖସି ମୃତ୍ୟୁବରଣ କରିଥିଲେ। ତେବେ ବାପା ପୁଅ ଗୋଟିଏ ତାରିଖରେ ମୃତ୍ୟୁବରଣ କରିବା ସଂଯୋଗ ଥିଲା ନା ଆଉ କିଛି।

**ମାର୍କ ଟ୍ୱେନ୍‌ଙ୍କ ଜନ୍ମ ଓ ମୃତ୍ୟୁର ସଂଯୋଗ:** ସାମୁଏଲ ଲଙ୍ଗହର୍ନ କ୍ଲିମେନ୍‌ସ ନିଜର ପେନ୍ ନେମ୍ 'ମାର୍କ ଟ୍ୱେନ' ନାଁରେ ବେଶି ପରିଚିତ। ସେ ଜଣେ ଆମେରିକୀୟ ଲେଖକ, ପ୍ରକାଶକ, ଏଣ୍ଟପ୍ରେନ୍ୟୁର୍ ଥିଲେ। ଟ୍ୱେନ ଆମେରିକାର ସବୁଠୁ ବଡ଼ ହ୍ୟୁମରିଷ୍ଟ ଭାବେ ମଧ୍ୟ ପରିଚିତ। ୱିଲିମନ୍ ଫକନର୍ ତ ତାଙ୍କୁ ଆମେରିକୀୟ ଲିଟରେଚରର ଜନକ ବୋଲି ମଧ୍ୟ କହୁଥିଲେ। ମାର୍କ ଟ୍ୱେନଙ୍କ ଜନ୍ମ ୧୮୩୫ରେ ହୋଇଥିଲା। ସେ ଜନ୍ମ ନେବା ଦିନ 'ହେଲିସ୍ କମେଟ୍' ନାମକ ଧୂମକେତୁ ବା ଲଞ୍ଜାତାରା ଆକାଶରେ ଦେଖାଦେଇଥିଲା। ଏହି ଧୂମକେତୁ ଆକାଶରେ ୭୬ ବର୍ଷରେ ଥରେ ଦେଖାଯାଏ। ଆଉ ୧୯୧୦ରେ ଯେବେ ମାର୍କ ଟ୍ୱେନଙ୍କର ଦେହାନ୍ତ ହେଲା ସେହିଦିନ ମଧ୍ୟ ଏହି ଧୂମକେତୁ ଦ୍ୱିତୀୟ ଥର ଆକାଶରେ ଦେଖାଯାଇଥିଲା। ତେବେ ତା'ଠୁ ଆଶ୍ଚର୍ଯ୍ୟର କଥା ମାର୍କ ଟ୍ୱେନ ନିଜେ ଅନୁମାନ କରି କହିଥିଲେ ଯେ, 'ଆଇ କେମ୍ ଇନ୍ ଉଇଥ୍ ହାଲିସ୍ କମେଟ୍ ଇନ୍ ୧୮୩୫। ଇଟ୍ ଇଜ କମିଂ ଏଗେନ୍ ନେକ୍ସଟ୍ ଇୟର୍। ଆଣ୍ଡ ଆଇ ଏକ୍ସପେକ୍ଟ ଟୁ ଗୋ ଆଉଟ୍ ଉଇଥ୍ ଇଟ୍। ଇଟ୍ ୱିଲ୍ ବି ଗ୍ରେଟେଷ୍ଟ ଡିସ୍‌ଆପଏଣ୍ଟମେଣ୍ଟ ଅଫ୍ ମାଇଁ ଲାଇଫ୍ ଇଫ୍ ଆଇ ଡୋଣ୍ଟ ଗୋ ଆଉଟ୍ ଉଇଥ୍ ହେଲିସ୍ କମେଟ୍।' ଆଉ ସତକୁ ସତ ତାଙ୍କର ଇଚ୍ଛା ପୂର୍ଣ୍ଣ ହୋଇଯାଇଥିଲା। ଆଉ ଦ୍ୱିତୀୟ ଥର ଆକାଶରେ ହେଲିସ୍ କମେଟ ଦେଖାଯିବା ଦିନ ତାଙ୍କର ଦେହାନ୍ତ ହେଲା।

**ଜନି ବ୍ରାଭୋର କାର୍ଟୁନିଷ୍ଟ କ'ଣ ଆଗୁଆ ଜାଣିପାରିଥିଲେ ୯/୧୧ କଥା:** ୨୦୦୧, ଏପ୍ରିଲ ମାସ। କାର୍ଟୁନ ନେଟୱର୍କ ଚ୍ୟାନେଲ୍‌ରେ ଜନି ବ୍ରାଭୋ କାର୍ଟୁନ୍‌ର ଏକ ଏପିସୋଡ ପ୍ରସାରଣ ହୋଇଥିଲା। ସେଥିରେ ଏକ ମୁଭି ପୋଷ୍ଟର ଦେଖିବାକୁ ମିଳିଥିଲା, ଯେଉଁଥିରେ ୱାର୍ଲଡ ଟ୍ରେଡ୍ ସେଣ୍ଟର ପରି ସୁଉଚ୍ଚ ବିଲ୍ଡିଂ ନିଆଁରେ ଜଳୁଥିବା ଦୃଶ୍ୟ ଥିଲା। ଆଉ ତା' ଉପରେ 'କମିଂ ସୁନ୍' ବୋଲି ଲେଖାଯାଇଥିଲା। ଉକ୍ତ ଏପିସୋଡ ପ୍ରସାରଣର ମାତ୍ର ୫ ମାସ ପରେ ସେପ୍ଟେମ୍ବର ୧୧ରେ ଇସ୍‌ଲାମିକ୍ ଆତଙ୍କବାଦୀ ସଂଗଠନ ଅଲ୍ କାଏଦା ଏରୋପ୍ଲେନ ହାଇଜାକ୍ କରି ୱାର୍ଲଡ ଟ୍ରେଡ୍ ସେଣ୍ଟରରେ ଧକ୍କା କରିଥିଲା। ଆଉ ଦେଖୁ ଦେଖୁ ପୃଥିବୀ ପ୍ରସିଦ୍ଧ ଏହି ଦୁଇ ବିଲ୍ଡିଂ ହୁତୁହୁତୁ ହୋଇ ଜଳି ଧୂଳିସାତ ହୋଇଗଲା। ତେଣୁ ଅନେକେ କହନ୍ତି ଜନି ବ୍ରାଭୋର କାର୍ଟୁନିଷ୍ଟଙ୍କୁ ଭବିଷ୍ୟତର ଆଭାସ ହୋଇଯାଇଥିଲା।

**ବିଜୁଳି ସାଜିଥିଲା ବଇରୀ:** ୱାଲଟର୍ ସମରଫର୍ଡ ବ୍ରିଟେନ ନିବାସୀ ଥିଲେ। ଆଉ ଆର୍ମିରେ ଅଫିସର ଭାବେ କାମ କରୁଥିଲେ। ତେବେ ତାଙ୍କ ସହ ଲଗାତର ଏମିତି କିଛି ଘଟଣା ଘଟିଥିଲା ଯେ, ସାରା ପୃଥିବୀ ଚକିତ ରହିଯାଇଥିଲା। ଆଉ ସେ ସବୁଠାରୁ 'ଅନଲକି' ବ୍ୟକ୍ତିଭାବେ ଗଣନା ହେଲେ। ୧୯୧୮ ବିଶ୍ୱଯୁଦ୍ଧ ସମୟରେ ତାଙ୍କର ପୋଷ୍ଟିଂ ବେଲଜିୟମ ହୋଇଥାଏ। ଦିନେ ସେ ଘୋଡ଼ାଚାଳନା କରୁଥାନ୍ତି, ହଠାତ୍ ତାଙ୍କ ଉପରେ ବଜ୍ରପାତ ହୋଇଥିଲା। ବଜ୍ରପାତର ପ୍ରଭାବରେ ଅଣ୍ଟାଠାରୁ ତଳ ପର୍ଯ୍ୟନ୍ତ ତାଙ୍କର ପକ୍ଷାଘାତ ହୋଇଗଲା। ତେବେ କିଛି ମାସର ଚିକିତ୍ସା ପରେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଗଲେ। ନୂଆ କରି ସେ ଜୀବନ ଆରମ୍ଭ କରୁଥାନ୍ତି। ହେଲେ ପ୍ରଥମ ବଜ୍ରପାତର ଠିକ୍ ୬ ବର୍ଷ ପରେ ଅର୍ଥାତ୍ ୧୯୨୪ରେ ଦିନେ ସେ ପୋଖରୀକୁ ମାଛ ଧରିବାକୁ ଯାଇଥାନ୍ତି। ଗଛ ତଳେ ବସି ମାଛ ଧରୁଥିବାବେଳେ ପୁଣିଥରେ ହଠାତ ତାଙ୍କ ଉପରେ ବଜ୍ରପାତ ହେଲା। ଏଥର ତାଙ୍କର ଡାହାଣ ପଟ ଶରୀର ପକ୍ଷାଘାତ ହୋଇଗଲା। ହେଲେ ପୁଣିଥରେ ଚମତ୍କାର ହେବାଭଳି ଦୁଇ ବର୍ଷରେ ସେ ସୁସ୍ଥ ହୋଇଗଲେ। ତାଙ୍କର ଦୁର୍ଭାଗ୍ୟ ଏତିକିରେ ତାଙ୍କ ପିଛା ଛାଡି ନ ଥାଏ। ଦ୍ୱିତୀୟ ବଜ୍ରପାତର ପୁଣିଥରେ ଠିକ୍ ୬ ବର୍ଷ ପରେ ୧୯୩୦ରେ ଦିନେ ସେ ପାର୍କରେ ବୁଲିବାବେଳେ ହଠାତ୍ ପାଣିପାଗ ବଦଳିଗଲା। ଆକାଶରେ କଳା ବାଦଲ ଘୋଟିଗଲା। ଆଉ ପୁଣିଥରେ ତାଙ୍କ ଉପରେ ବଜ୍ରପାତ ହେଲା। ଏଥର ଦୁଇ ବର୍ଷ ପର୍ଯ୍ୟନ୍ତ ସେ ଜୀବନ ସହ ସଂଘର୍ଷ କଲେ। ହେଲେ ସେ ଆଉ ବଜ୍ରପାତର ପ୍ରହାରରୁ ଜିତିପାରିଲେ ନାହିଁ। ୧୯୩୨ରେ ତାଙ୍କର ଦେହାନ୍ତ ହେଲା। ମୃତ୍ୟୁପରେ ତାଙ୍କ ମରଶରୀରକୁ କାନାଡା, ଭାନକୁଭରର ମାଉଣ୍ଟେନ ଭ୍ୟୁ ସମାଧିପୀଠରେ ପୋତାଗଲା। ତେବେ ସବୁଠାରୁ ଆଶ୍ଚର୍ଯ୍ୟକର କଥା ମୃତ୍ୟୁ ପରେ ବି ବଜ୍ରପାତ ତାଙ୍କ ପିଛା ଛାଡି ନ ଥିଲା। ଆଉ ୧୯୩୬ରେ ତାଙ୍କ ସମାଧିପୀଠ ଉପରେ ପୁଣିଥରେ ବଜ୍ରପାତ ହେଲା। ଫଳରେ ସମାଧିପୀଠର ପଥର ଫାଟି ଦୁଇ ଫାଳ ହୋଇଗଲା। ଏହି ବଜ୍ରପାତ ବି ତୃତୀୟ ବଜ୍ରପାତର ଠିକ୍ ୬ ବର୍ଷ ପରେ ଘଟିଥିଲା। ତେବେ ୱାଲଟରଙ୍କ ଉପରେ ଏଭଳି ପ୍ରତି ୬ ବର୍ଷରେ ଥରେ କାହିଁକି ବଜ୍ରପାତ ହେଉଥିଲା ତାହା ଆଜି ବି ରହସ୍ୟରେ ରହିଛି। ଏହା ତାଙ୍କର ଦୁର୍ଭାଗ୍ୟ ଥିଲା ନା ସଂଯୋଗ ଅବା ଦୁର୍ଯୋଗ!

ଆଖପାଖରେ ଘଟିଯାଉଥିବା ଏହିଭଳି କିଛି ଘଟଣା ହିଁ ମନରେ ବିଶ୍ୱାସ ଜନ୍ମାଏ ଯେ, ସଂଯୋଗ ବୋଲି କିଛି ଅଛି। ତେବେ ଏହା ଭାଗ୍ୟର ରେଖା ଦ୍ୱାରା ପରିଚାଳିତ ହୁଏ ନା ଇଶ୍ୱରଙ୍କ ଇଙ୍ଗିତରେ ତାହା ନା କେହି ଜାଣିପାରିଛି ନା ଜାଣିପାରିବ।

–ଶିବାନୀ ମହାନ୍ତି

ସ୍ୱେଟର୍ ଡ୍ରେସ୍ ଶରୀରକୁ ଉଷ୍ମତା ପ୍ରଦାନ କରିବା ସହ ଷ୍ଟାଇଲିଶ୍ ଲୁକ୍ ଦେଉଥିବାରୁ ଶୀତଦିନେ ଏହାର ଚାହିଦା ଖୁବ୍ ବଢ଼ିଯାଏ। ସେଥିପାଇଁ ମାର୍କେଟ୍‌ରେ ଏହାର ଅନେକ ଭେରାଇଟି ଦେଖିବାକୁ ମିଳିଥାଏ। ସେମିତି କେତୋଟି ଟ୍ରେଣ୍ଡି ସ୍ୱେଟର୍ ଡ୍ରେସ୍ ସମ୍ପର୍କରେ...



# ସ୍ୱେଟର୍ ଡ୍ରେସ୍



**ଶୀ**ତଦିନେ ଶୀତରୁ ରକ୍ଷା ପାଇବା ସହ ଷ୍ଟାଇଲିଶ୍ ଦେଖାଯିବା ପାଇଁ ଯୁବତୀମାନେ ଆଉଟ୍‌ଫିଟ୍‌କୁ ନେଇ ଅନେକ ପ୍ରକାରର ଏକ୍ସପେରିମେଣ୍ଟ କରିଥାନ୍ତି। ଏମିତିରେ ଯଦି କଥା ସ୍ୱେଟର୍ ଡ୍ରେସ୍‌ର ଉଠେ, ତା'ହେଲେ ଶୀତଦିନ ପାଇଁ ଏହାଠୁ ଭଲ ଅପ୍ସନ ଆଉ କ'ଣ ହୋଇପାରେ। କାରଣ ଏହା ଷ୍ଟାଇଲିଶ୍ ଲାଗିବା ସହ ଶରୀରକୁ ଉଷ୍ମତା ପ୍ରଦାନ କରିଥାଏ। ତା'ଛଡ଼ା ଏହି ପାଟର୍ନର ଡ୍ରେସ୍‌କୁ ସବୁ ଅକେଜନ୍‌ରେ ମଧ୍ୟ ପିନ୍ଧାଯାଇପାରେ। ଖାସ୍‌କରି ସ୍ୱେଟର୍ ଡ୍ରେସ୍ ସହ ମ୍ୟାଚିଂ ବୁଟ୍ସ, ଉଲ୍‌ର ସକ୍ସ କିମ୍ବା ଶୁଜ୍ ପେୟାର୍ କରି ପିନ୍ଧିଲେ ଅଧିକ ଆକର୍ଷଣୀୟ ଲାଗିଥାଏ। ଆସନ୍ତୁ ଜାଣିବା କେତୋଟି ଟ୍ରେଣ୍ଡି ସ୍ୱେଟର୍ ଡ୍ରେସ୍ ସମ୍ପର୍କରେ...

**ମ୍ୟାକ୍ସି ସ୍ୱେଟର୍ ଡ୍ରେସ୍:** ଏହି ଟାଇପ୍‌ର ସ୍ୱେଟର ଡ୍ରେସ୍ କ୍ଲାସି ଲୁକ୍ ଦେଇଥାଏ। ଏହାର ଲମ୍ବା ପାଦ ପର୍ଯ୍ୟନ୍ତ ରହୁଥିବାରୁ ଶୀତଦିନେ ଏହାକୁ ପିନ୍ଧିଲେ ଶରୀରକୁ ବେଶ୍ ଉଷ୍ମତା ମିଳିଥାଏ। ମୁଖ୍ୟତଃ ଶୀତଦିନିଆ ଇଭିନିଂ ପାର୍ଟି ପାଇଁ ଏ ଟାଇପ୍‌ର ଡ୍ରେସ୍ ପୂରା ପରଫେକ୍ଟ। ଟିକେ ଡିଫ୍‌ରେଣ୍ଟ ଲୁକ୍ ପାଇବା ପାଇଁ ଯୁବତୀମାନେ ଚାହିଁଲେ ଏହି ଡ୍ରେସ୍‌କୁ ପ୍ରଥମେ ପିନ୍ଧି ତା'ଉପରେ ମ୍ୟାଚିଂ ସ୍ଲିଭ୍ ଲେସ୍ ଜ୍ୟାକେଟ୍ ମଧ୍ୟ ପିନ୍ଧିପାରିବେ।



**ଟର୍ଟଲ ନେକ୍ ସ୍ୱେଟର୍ ଡ୍ରେସ୍:** ଏହି ଟାଇପ୍‌ର ଡ୍ରେସ୍ ଯୁବତୀଙ୍କୁ ଗ୍ଲାମର୍ସ ଲୁକ୍ ଦେଇଥାଏ। ଖାସ୍ କରି ଏହି ଡ୍ରେସ୍‌ର ବେକ ପାଖରେ ହୋଇଥିବା ଟର୍ଟଲ ବା କଇଁଛ ଶେପ୍‌ର ଡିଜାଇନ୍ ଅଧିକ ସୁନ୍ଦର ଲାଗିଥାଏ। ମୁଖ୍ୟତଃ ଏହି ଡିଜାଇନ୍‌ର ବ୍ରାଇଟ୍ କଲର୍‌ର ଡ୍ରେସ୍ ବେଶ୍ ଆକର୍ଷଣୀୟ ଲାଗେ। ତା'ଛଡ଼ା ଏ ଡ୍ରେସ୍‌ର ଲମ୍ବା ଜଙ୍ଘ ପର୍ଯ୍ୟନ୍ତ ରହୁଥିବାରୁ ଏହା ସହିତ ମ୍ୟାଚିଂ ଆଙ୍କେଲ୍ ଲେଙ୍ଗ୍‌ଥ ବୁଟ୍ ହେଉ ଅବା ନି ଲେଙ୍ଗ୍‌ଥ ବୁଟ୍‌କୁ କମ୍ବାଇନ୍ କରି ପିନ୍ଧିଲେ ସ୍ମାର୍ଟ ଲୁକ୍ ମିଳିଥାଏ।

**ନିଟେଡ୍ ଶାର୍ଟ ସ୍ୱେଟର୍ ଡ୍ରେସ୍:** ନିଟେଡ୍ ଶାର୍ଟ ସ୍ୱେଟର୍ ଡ୍ରେସ୍‌କୁ ଜିନ୍ସ ସହ କମ୍ବାଇନ୍ କଲେ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ। ଏହାକୁ ପିନ୍ଧିଲେ ଉଭୟ ଶାର୍ଟ ଓ ସ୍ୱେଟର୍‌ର ଲୁକ୍ ମିଳେ। ଖାସ୍ କରି ଏହି ଡ୍ରେସ୍‌କୁ ଟିକେ ଢିଲା ପିନ୍ଧିଲେ ହିଁ ଭଲ ମାନିଥାଏ। ଆପଣ ଚାହିଁଲେ ଲଙ୍ଗ୍ ସ୍କର୍ଟ ସହ ମଧ୍ୟ ଏହାକୁ ଟ୍ରାଏ କରିପାରିବେ। ତେବେ ଏହାକୁ ପିନ୍ଧିଲାବେଳେ ପାଦରେ ଉଲ୍‌ର ସକ୍ସ ସହ ବୁଟ୍ କିମ୍ବା ସ୍ନିକର୍ସକୁ ପେୟାର୍ କରି ପିନ୍ଧିଲେ ଆକର୍ଷଣୀୟ ଲାଗିଥାଏ।

**ବଡିକନ୍ ସ୍ୱେଟର୍ ଡ୍ରେସ୍:** ଶୀତଦିନେ କୌଣସି ପାର୍ଟି, ଫଙ୍କଶନ୍‌କୁ ଯିବାର ଥିଲେ, ଆପଣ ବଡିକନ୍ ସ୍ୱେଟର୍ ଡ୍ରେସ୍ ପିନ୍ଧିକି ଯାଇପାରିବେ; ଦେଖିବେ ଆପଣଙ୍କ ଲୁକ୍‌କୁ ଏହା କେମିତି ଗ୍ଲାମ୍-ଅପ୍ କରିବ। ଖାସ୍‌କରି ବ୍ରାଇଟ୍ କଲର୍ ଅପେକ୍ଷା ଲାଇଟ୍ କଲର୍‌ର ଏହି ଡ୍ରେସ୍ ଅଧିକ ଆକର୍ଷଣୀୟ ଲାଗିଥାଏ। ଏହା ସହିତ ମ୍ୟାଚିଂ ବୁଟ୍ ପିନ୍ଧିଲେ ବି ବେଶ୍ ଭଲ ମାନିଥାଏ।



**ଫ୍ରକ୍ ଷ୍ଟାଇଲ୍ ସ୍ୱେଟର୍ ଡ୍ରେସ୍:** ଘେର ଥିବା ନି ଲେଙ୍ଗ୍‌ଥ ଫ୍ରକ୍ ଯୁବତୀଙ୍କୁ ମଡର୍ନ ଲୁକ୍ ଦେଇଥାଏ। ଏବେ ଫ୍ରକ୍ ଷ୍ଟାଇଲ୍‌ର ସ୍ୱେଟର୍ ଡ୍ରେସ୍ ବି ମାର୍କେଟ୍‌କୁ ଆସିଲାଣି। ଏହି ଷ୍ଟାଇଲ୍‌ର ଡ୍ରେସ୍‌ରେ ଲଙ୍ଗ୍ ସ୍ଲିଭ୍ ରହିବା ସହ ଘେର ବି ରହିଥାଏ। ତା'ଛଡ଼ା ସ୍ୱେଟର ଫ୍ରକ୍ ହୋଇଥିବାରୁ ଶୀତଦିନେ ଏହାକୁ ପିନ୍ଧିଲେ ଥଣ୍ଡାରୁ ମୁକ୍ତି ମିଳିବା ସହ ଷ୍ଟାଇଲିଶ୍ ଲୁକ୍ ବି ମିଳିଥାଏ।







# ସେବା ଓ ସର୍ଜନାର ମଧୁଝର: ତପନକୁମାର






ଅନ୍ତର୍ଜାତୀୟ ସ୍ତରର ଜଣେ ଗବେଷକ, ପ୍ରାଧ୍ୟାପକ, ବ୍ୟବସାୟ ରଣନୀତି ବିସାରଦ, ପରିଚାଳନା ମାର୍ଗଦର୍ଶକ, ସମାଜସେବୀ, ସ୍ତମ୍ଭକାର, ସୁଲେଖକ, ଅନୁବାଦକ ତଥା ହାଇଦ୍ରାବାଦରେ ଅବସ୍ଥିତ ନାର୍ସି ମୋନ୍ଜି ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜ(NMIMS) ୟୁନିଭରସିଟିର ନିର୍ଦ୍ଦେଶକ ଡ. ତପନ କୁମାର ପଣ୍ଡା, ଯିଏ ନିଜକୁ ମାଟିର ମଣିଷ ବୋଲି ମନେକରନ୍ତି। ଅର୍ଜିତ ସମ୍ବଳକୁ ସମାଜ ପାଇଁ ବିନିଯୋଗ କରିବାକୁ ପ୍ରାଥମିକ କର୍ତ୍ତବ୍ୟ ବୋଲି ଭାବନ୍ତି। କେଉଁଠି କେଉଁ ପ୍ରତିଭା ସୁଯୋଗ ଓ ସହାୟତା ବ୍ୟତିରେକ ଅନାଦୃତ ହୋଇପଡିଥିଲେ ତା'ର ସ୍ୱପ୍ନକୁ ସାକାର କରିବାପାଇଁ ବଢ଼ାଇ ଦିଅନ୍ତି ସହଯୋଗର ହାତ। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ତପସ୍ୟା ଫାଉଣ୍ଡେଶନ ମାଧ୍ୟମରେ ସମାଜସେବାକୁ ଅଧିକ ଗତିଶୀଳ କରିବା, ଓଡ଼ିଆ ଭାଷାକୁ ବିଶ୍ୱ ଦରବାରରେ ବୃହତ୍ତର ପାଠକଙ୍କ ପାଖରେ ପହଞ୍ଚାଇବା, ମାନସିକ ରୋଗୀଙ୍କ ପାଇଁ ଦୁଇଶହ ଶଯ୍ୟାବିଶିଷ୍ଟ ଏକ ଥଇଥାନ କେନ୍ଦ୍ର ପ୍ରତିଷ୍ଠା କରିବା, ପ୍ରତିଭାବାନ ଓଡ଼ିଆ ଲେଖକଙ୍କୁ ଲୋକଲୋଚନକୁ ଆଣିବା ତଥା ସେମାନଙ୍କ କୃତିକୁ ଯଥାଯଥ ଭାବରେ ପ୍ରକାଶ କରିବା ତାଙ୍କ ବୃହତ୍ତର ସ୍ୱପ୍ନର ଅଂଶବିଶେଷ ।

ନୟାଗଡ଼ର ଏକ ନିମ୍ନ ମଧ୍ୟବିତ୍ତ ପରିବାରରେ କୃପାସିନ୍ଧୁ ପଣ୍ଡା ଓ ନିବେଦିତା ପଣ୍ଡାଙ୍କ ସୁପୁତ୍ର ତପନ ନୟାଗଡ଼, ଜଟଣୀ ଓ ପୁରୀରେ ଅଧ୍ୟୟନ କରି ଆପଣା ଅଧ୍ୟବସାୟରେ ଆମେରିକାର ହ୍ୟୁଷ୍ଟନ ବିଶ୍ୱବିଦ୍ୟାଳୟରୁ ହାସଲ କରନ୍ତି ଏମବିଏ ଡିଗ୍ରୀ । ବ୍ୟବସାୟ ପରିଚାଳନାରେ ଲାଭ କରନ୍ତି ପିଏଚ.ଡି. । ମାର୍କେଟିଂ ଓ ବିଜ୍ଞାପନ ବିଷୟରେ ହୁଅନ୍ତି ବିଶାରଦ। ଭାରତର ତିନୋଟି ପ୍ରମୁଖ ସଂସ୍ଥାନ: ଭାରତୀୟ ପ୍ରବନ୍ଧ ସଂସ୍ଥାନ (ଆଇଆଇଏମ), ଲକ୍ଷ୍ନୌ, କାଲିକଟ ଓ ଇନ୍ଦୋରରେ ପ୍ରାଧ୍ୟାପକ ଭାବରେ କାର୍ଯ୍ୟ କରି ଢେର୍ ଖ୍ୟାତି ଓ ସମ୍ମାନ ଅର୍ଜନ କରିଛନ୍ତ। ଫ୍ରାନ୍ସର ବର୍ଦ୍ଦୋ ବିଶ୍ୱବିଦ୍ୟାଳୟ, ଯୁକ୍ତରାଷ୍ଟ୍ର ଆମେରିକାର ମ୍ୟାରିଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟ, ଡାଲାସ ବିଶ୍ୱବିଦ୍ୟାଳୟ, ହ୍ୟୁଷ୍ଟନ ବିଶ୍ୱବିଦ୍ୟାଳୟ ତଥା ଚାଇନାର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଚାଇନା ୟୁନିଭରସିଟି ଅଫ ପଲିଟିକ୍ସ ଓ ଲ ( CUPL), ବେଜିଂରେ ଅଧ୍ୟାପନା କରିଥିବା ତପନ କୁମାର ଛାତ୍ରପ୍ରିୟ ଶିକ୍ଷକ ଭାବେ ନିଜ ଗବେଷଣାଲବ୍ଧ ଜ୍ଞାନକୁ ଶ୍ରେଣୀ ଗୃହରେ ବିନିଯୋଗ କରି ଯଥେଷ୍ଟ ସୁନାମ ଓ ଲୋକପ୍ରିୟତା ହାସଲ କରିଛନ୍ତି। ହାର୍ଭାର୍ଡ, ହ୍ୱାର୍ଟନ ବିଶ୍ୱବିଦ୍ୟାଳୟ ଓ ଲଣ୍ଡନର ଇମ୍ପେରିଆଲ କଲେଜଗୁଡ଼ିକୁ ଅତିଥି ଅଧ୍ୟାପକ ଭାବେ ନିମନ୍ତ୍ରିତ ହୋଇ ଶୈକ୍ଷିକ ପାରଦର୍ଶିତାର ନିଦର୍ଶନ ଦେଇଛନ୍ତି। ଜଣେ ବ୍ୟବସାୟ ଉପଦେଶକ ହିସାବରେ ସେ ଅନେକ ଛାତ୍ର ଓ ପରିଚାଳକଙ୍କୁ ସେମାନଙ୍କ ବ୍ୟବସାୟ ବଢ଼ାଇବାରେ ସହାୟତା କରିଛନ୍ତି । କେବଳ ସେତିକି ନୁହେଁ, ବ୍ୟବସାୟ ପରିଚାଳନା, ବ୍ରାଣ୍ଡିଂ, ବିଜ୍ଞାପନ ପର୍ଯ୍ୟାବରଣ ଓ ବ୍ୟବସାୟ ବିଷୟରେ ବିଶ୍ୱର ପ୍ରମୁଖ ଜର୍ନାଲରେ ତାଙ୍କର ଗବେଷଣାତ୍ମକ ସନ୍ଦର୍ଭ ପ୍ରକାଶିତ ହୋଇଛି । ନଅ ହଜାରରୁ ଊର୍ଦ୍ଧ୍ୱ ଗବେଷକ ତାଙ୍କ ଗବେଷଣାଲବ୍ଧ ତଥ୍ୟକୁ ଉପଯୋଗ କରି ନିଜ ନିଜ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିଛନ୍ତି ବୋଲି ଗୁଗଲ ସ୍କଲାର କୁହେ।

ଜଣେ ବ୍ୟବସାୟ ରଣନୀତି ବିଶାରଦ ଭାବେ ସେ ଭାରତର ଅନେକ ପ୍ରତିଷ୍ଠିତ ବ୍ୟବସାୟ ସଂସ୍ଥାର ମାର୍କେଟିଂ, ବିଜ୍ଞାପନ ଇତ୍ୟାଦି କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦିତ କରିଛନ୍ତି ।

ପଢୁଥିବା ସମୟରୁ ତପନ କୁମାରଙ୍କର ସ୍ତମ୍ଭ ଆଗଧାଡିର ଓଡ଼ିଆ ଓ ଇଂରାଜୀ ଖବରକାଗଜରେ ପ୍ରକାଶିତ ହୋଇ ତାଙ୍କୁ ଏକ ସଫଳ ସ୍ତମ୍ଭକାରର ସ୍ୱତନ୍ତ୍ର ମାନ୍ୟତା ଦେଇଛି । ଲାଲ ସ୍ୱପ୍ନ, ଦି ନକ୍ସଲାଇଟ ଆଣ୍ଡ ଅଦର ଷ୍ଟୋରିଜ, ଜହ୍ନରାତି ଓ ପ୍ରଜାପତି, ଆଜ୍ ଦି ଇୟର୍ସ ଗୋ ବାଇ, କବିତା ଏବଂ ଦି ଇନଫିଡେଲ, ଦି ଅଟୋ ବାୟୋଗ୍ରାଫି ଅଫ ଏ କୁଇନ୍, ଦି ଆର୍କ ଅଫ୍ ଫାୟାର, ଦି ଆକ୍ଟର ଭଳି ପୁସ୍ତକର ରଚୟିତା ଡ. ତପନ କୁମାର ବ୍ୟବସାୟ ପରିଚାଳନା ଓ ମାର୍କେଟିଂ ସମ୍ପର୍କରେ ପଚିଶଟି ବହି ଲେଖିଛନ୍ତି । ସେଗୁଡିକ ଇଂଲଣ୍ଡ, ଆମେରିକା ତଥା ଆମ ଦେଶରୁ ପ୍ରକାଶିତ ହୋଇ ବିପୁଳ ପାଠକୀୟ ଶ୍ରଦ୍ଧା ଲାଭ କରିଛି । ପ୍ରକାଶିତ ସମସ୍ତ ପୁସ୍ତକର ରୟାଲ୍‌ଟି ତପସ୍ୟା ଫାଉଣ୍ଡେଶନର କାମରେ ଲାଗେ । ଏତଦ୍‌ବ୍ୟତୀତ ସେ ସାତଜଣ ପ୍ରତିଷ୍ଠିତ ଔପନ୍ୟାସିକଙ୍କର ଉପନ୍ୟାସକୁ ଇଂଲିଶ ଅନୁବାଦ କରି ଅନ୍ତର୍ଜାତୀୟ ସ୍ତରରେ ପାଠକଙ୍କ ଦୃଷ୍ଟିଆକର୍ଷଣ କରିପାରିଛନ୍ତି । ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ଗୀତିକାର ଡ. ତପନ ଅବସର ସମୟରେ ଶାସ୍ତ୍ରୀୟ ସଙ୍ଗୀତ ଶୁଣିବାରେ ଏବଂ ପ୍ରଚୁର ପଢ଼ିବାରେ ଅତିବାହିତ କରିବାକୁ ପସନ୍ଦ କରନ୍ତି। ତାଙ୍କ କାର୍ଯ୍ୟଦକ୍ଷତା ଏବଂ ସଫଳତା ପାଇଁ ଆମେରିକାନ ମାର୍କେଟିଂ ଆସୋସିଏଶନର ଫେଲୋ, ଲଣ୍ଡନ ରୟାଲ ସୋସାଇଟି ଅଫ୍ ଲିଟରେଚର୍‌ର ସଦସ୍ୟ ଭଳି ଅନେକ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ସେ ସମ୍ବର୍ଦ୍ଧିତ ଓ ସମ୍ମାନିତ।

ତପନଙ୍କ ହିସାବରେ ସମାଜ ତାଙ୍କୁ ଦେଇଛି ଅନେକ କିଛି । ସମାଜ ଭିତରେ ତାଙ୍କ ବ୍ୟକ୍ତିତ୍ୱ ବିକଶିତ ହୋଇଛି ଏବଂ ସେ ସଫଳତାର ଶିଖର ସ୍ପର୍ଶ କରିଛନ୍ତି । ତେଣୁ ସେ ସମାଜର ଋଣ ପରିଶୋଧ କରିବାକୁ ଚାହାନ୍ତି ।

–ମାନମୟୀ ରଥ
ସେଣ୍ଟ ଜାଭିୟର୍ସ କିଡ୍ସ, ବାଲିପୁଟ, ପୁରୀ
ମୋ: ୭୯୭୮୫୭୯୩୧୯









## ଏକପଦୀ

**-ଭରତ ଚନ୍ଦ୍ର ଦାଶ**

**କ**ବିତା ପ୍ରେମରେ ପଡି ପ୍ରିୟତମା
କବିଙ୍କୁ ନିଶୀଥେ ଲୋଡେ
ଶୟନେ ସପନେ ଅବା ଜାଗରଣେ
କବିଙ୍କ ପ୍ରେମରେ ପଡେ ।

ମାର୍କୋଣା,ବାଲେଶ୍ୱର-୭୫୬ ୧୨୬
ମୋ: ୯୪୩୭୩୭୨୧୬୬

# ଡାଏରୀର ପୃଷ୍ଠାଟିଏ

**-ପ୍ରଦୀପ କୁମାର ରାୟ**

ସକାଳୁ ସକାଳୁ ପଡୋଶୀ ପଣ୍ଡା ମଉସା ଆସି କହିଲେ, 'ପୁଅ, କାଲି ରାତି ଗୋଟାଏ ବେଳକୁ କୋଲାବରୁ କେହି ଜଣେ ମିଶ୍ର ବାବୁ ଫୋନ କରିଥିଲେ। କହିଲେ ତମର ଭାଇ ଖୁବ ଅସୁସ୍ଥ, ସେମାନେ ତାଙ୍କୁ ନେଇ କୋରାପୁଟ ଯାଉଛନ୍ତି।' ଖବରଟା ତମକୁ ଜଣେଇ ଦେବା ପାଇଁ କହିଲେ। ଆଖିକୁ ତ ଭଲ ଦେଖାଯାଉ ନାହିଁ, ପୁଣି ଏତେ ରାତିରେ ତମମାନଙ୍କୁ ଆଉ କହିବା ପାଇଁ ଆସିପାରିଲି ନାହିଁ। କଣ ହେଲା ? ଘରେ ଆମେ ସମସ୍ତେ ବିବ୍ରତ ହୋଇ ପଡିଲୁ। ସବୁଠାରୁ ବଡ ଅସୁବିଧା ହେଲା ସେତେବେଳେ ଆମ ଘରେ ଫୋନ ନାହିଁ । ଆମ ଘରେ କାହିଁକି , ଆମ ସାହିରେ କେବଳ ପଣ୍ଡା ମଉସାଙ୍କ ଘର ଛାଡିଦେଲେ ଆଉ କାହାରି ଘରେ ଫୋନ ନାହିଁ । କେହି କିଛି ଖବର ଦେବାର ଥିଲେ ପଣ୍ଡା ମଉସାଙ୍କ ଫୋନ୍‌ରେ ମେସେଜ୍ ଦେଇଦିଅନ୍ତି, ଆମେ ଏସ୍.ଟି.ଡି. ବୁଥ୍‌କୁ ଯାଇ ଫୋନ୍ କରୁ। କୋଲାବରେ ଭାଇର ବି ଫୋନ ନାହିଁ, ସେ ତାର ପଡୋଶୀ ମିଶ୍ର ବାବୁଙ୍କ ଫୋନ ନମ୍ବର ଆମକୁ ଦେଇଛି । ମା' ଭୀଷଣ ବ୍ୟସ୍ତ ହୋଇ ପଡିଲେ। ହେବା ବି ଖୁବ୍ ସ୍ୱାଭାବିକ୍। କୋଲାବ ଏତେ ଦୂର ଯେ, ସେଠି ପହଞ୍ଚିବାକୁ ହେଲେ ସମ୍ବଲପୁର ଯାଇ ସନ୍ଧ୍ୟା ବସ୍‌ରେ ଗଲେ ତା' ପରଦିନ ଦଶଟା ବେଳକୁ ପହଞ୍ଚିହେବ। ଆମର ବ୍ୟସ୍ତତା ଦେଖି ପଣ୍ଡା ମଉସା କହିଲେ, ଆଗ ଫୋନ କରି ବୁଝ କ'ଣ ହୋଇଛି, ତା'ପରେ ଯିବା କଥା ଚିନ୍ତା କରିବ । ମୁଁ ସ୍କୁଟର ଧରି ଏସ୍.ଟି.ଡି. ବୁଥ୍‌କୁ ଧାଇଁଲି । ବହୁ ଚେଷ୍ଟା ପରେ ମିଶ୍ର ବାବୁଙ୍କ ଫୋନ ଲାଗିଲା। କିନ୍ତୁ ଫୋନ୍ ରିଂ ହୋଇ ହୋଇ କଟିଗଲା, କେହି ଫୋନ ଧରିଲେ ନାହିଁ। ଚାରି ପାଞ୍ଚଥର ରିଂ କଲି , କିନ୍ତୁ ଅପର ପାର୍ଶ୍ୱରୁ କୌଣସି ଉତ୍ତର ମିଳିଲା ନାହିଁ । ବ୍ୟସ୍ତ ବିବ୍ରତ ମୁଁ ଭୀଷଣ ଅସହାୟ ଅନୁଭବ କଲି ।

କ'ଣ କରିବି କିଛି ଠିକ୍ କରି ପାରୁ ନ ଥାଏ । ସବୁ ଶୁଣି ସାରି ଏସ୍.ଟି.ଡି. ବୁଥ୍‌ର ପିଲାଟି କହିଲା, ସାର୍ କୋରାପୁଟ ମେଡିକାଲର ଫୋନ ନମ୍ବରଟା ମିଳିଲେ, ଆପଣଙ୍କ ଭାଇଙ୍କ ଖବର ଜାଣି ହୁଅନ୍ତା । କିନ୍ତୁ କୋରାପୁଟ ମେଡିକାଲର ନମ୍ବର ମିଳିବ କୋଉଠାରୁ। ସମ୍ବଲପୁର ଜିଲ୍ଲାର ଡିରେକ୍ଟରୀରେ ମିଳିବା ଅସମ୍ଭବ । ତେଣୁ କୋରାପୁଟର କିଏ ଏଠି ଚାକିରୀ କରୁଛନ୍ତି , ଜଣେ ସାଙ୍ଗ ସାଥିରେ ଖୋଜିବାରେ ଲାଗିଲୁ । ଘରକୁ କିଛି ଖବର ନ ନେଇ ଫେରିଲେ ମା'ଙ୍କ କରୁଣ ମୁହଁକୁ ଚାହିଁ ହେବ ନାହିଁ । କୋଲାବରେ କେବଳ ଭାଇ, ଭାଇବୋହୂ ଓ ସେମାନଙ୍କର ତିନି ବର୍ଷର ଟିକି ଝିଅ । କେମିତି କ'ଣ କରୁଥିବେ । ବହୁ ଖୋଜାଖୋଜି କଲାପରେ ମଧ୍ୟ ସେମିତି କାହାରିକି ପାଇଲୁ ନାହିଁ। କ୍ରମଶଃ ମୁଁ ଭାଙ୍ଗି ପଡୁଥାଏ। ଠିକ୍ କଲି ଆଉ ସମୟ ନଷ୍ଟ ନ କରି କୋରାପୁଟକୁ ବାହାରି ପଡିବି । ଠିକ୍ ସେତିକି ବେଳେ ମୋର ସହକର୍ମୀ ନବୀନ ବାବୁଙ୍କ ସହ ଦେଖାହେଲା । ନବୀନ ବାବୁ ମୋତେ କହିଲେ, ଏତେ ବ୍ୟସ୍ତ କାହିଁକି ହେଉଛନ୍ତି, ଚାଲନ୍ତୁ ଟେଲିଫୋନ ଏକ୍ସଚେଞ୍ଜକୁ ଯିବା। ଖବର ମିଳିଯିବ। ନବୀନ ବାବୁ ଓ ମୁଁ ଟେଲିଫୋନ ଏକ୍ସଚେଞ୍ଜରେ ପହଞ୍ଚିଲୁ। ଜେ.ଟି.ଓ. ବରିହା ବାବୁ ସବୁ ଶୁଣି କୋଲାବ ଏକ୍ସଚେଞ୍ଜର ଜେ.ଟି.ଓଙ୍କୁ ଫୋନ ଲଗାଇ ଦେଲେ । ମୁଁ ବିକଳ ହୋଇ ତାଙ୍କୁ କିଭଳି କୋରାପୁଟ ମେଡିକାଲରୁ ଖବର ପାଇହେବ ବୋଲି ଅନୁରୋଧ କଲି । ସବୁ ଶୁଣି ସେହି ଭଦ୍ରବ୍ୟକ୍ତି, ଯାହାଙ୍କୁ ଆମେ କେହି ଚିହ୍ନି ନାହୁଁ କହିଲେ, ଆପଣମାନେ ସେଠି ଅପେକ୍ଷା କରନ୍ତୁ , ମୁଁ ମେଡିକାଲ ଯାଇ ବୁଝି ଆସୁଛି । ଅଧଘଣ୍ଟାରୁ ବି ଅଧିକ ସମୟ ଆମେ ନାନା ଆଶଙ୍କା ନେଇ ବସିଛୁ, ସେପାଖରୁ କୌଣସି ଖବର ଆସୁନାହିଁ । ମୁଁ କେବଳ ନିର୍ଜୀବ ଟେଲିଫୋନଟିକୁ ଚହିଁ ରହିଛି। ଜାଣିଛି , ମୁଁ ନ ଫେରିବା ପର୍ଯ୍ୟନ୍ତ ଘରେ ସମସ୍ତେ ନାନା ଦୁଃଶ୍ଚିନ୍ତାରେ ଘାଣ୍ଟି ହେଉଥିବେ, କିନ୍ତୁ ମୁଁ ନାଚାର । ପ୍ରାୟ ପଇଁଚାଳିଶ ମିନିଟ ପରେ ଫୋନ୍ ରିଂ ହେଲା।

ତର ତର ହୋଇ ପଚାରିଲି, କିଛି ଖବର ପାଇଲେ ? ସେପାଖରୁ ସେହି ଭଦ୍ରବ୍ୟକ୍ତି କହିଲେ , ଆପଣ ଯେଉଁ ନା କହିଲେ, ସେହି ନାମର କୌଣସି ଲୋକ ମେଡିକାଲରେ ଆଡମିଟ୍ ହୋଇ ନାହାନ୍ତି । ସ୍ୱତଃ ମୋ ପାଟିରୁ ବାହାରି ପଡିଲା, ତା'ହେଲେ କ'ଣ ମିଶ୍ର ବାବୁଙ୍କ ନାଁ ରେ କେହି ଏମିତି ଜଘନ୍ୟ ଥଟ୍ଟା କରିଛି। ହେ ଭଗବାନ ! କିନ୍ତୁ ପ୍ରକୃତ ଘଟଣା କ'ଣ ନ ଜାଣି ମୁଁ ଘରକୁ କେମିତି ଯିବି ଯେ ! ମାଁଙ୍କୁ କ'ଣ କହିବି !

ହଠାତ୍ ଅପର ପାର୍ଶ୍ୱରୁ ସେହି ଭଦ୍ରବ୍ୟକ୍ତି କହିଲେ, ଟିକେ ରୁହନ୍ତୁ , ଏଠି ଗୋଟାଏ ମିଶନ ହସ୍‌ପିଟାଲ ଅଛି, ସେଠି ଯଦି ଥିବେ। ଆପଣମାନେ ଅପେକ୍ଷା କରନ୍ତୁ, ମୁଁ ସେଠି ଦେଖି ଆସୁଛି। ଆମେ ପୁଣି ଅପେକ୍ଷା କରି ରହିଲୁ। ପ୍ରାୟ ଅଧଘଣ୍ଟା ପରେ ଫୋନ ରିଂ ହେଲା ।

ଭଦ୍ରବ୍ୟକ୍ତି ଜଣାଇଲେ ଯେ ଭାଇ ମିଶନ ହସପିଟଲ୍‌ରେ ଆଡ୍‌ମିଟ୍ ହୋଇଛି। ତା'ର ଆପେଣ୍ଡିକ୍ସ ଅପରେସନ ହୋଇସାରିଛି । ଏବେ ଭଲ ଅଛି । ମିଶ୍ରବାବୁ କହିଲେ ତାଙ୍କ ପରିବାର ବି ସାଥିରେ ଅଛନ୍ତି । ପରେ ସେ ଫୋନ କରିବେ। ଟେଲିଫୋନର ଅପର ପାର୍ଶ୍ୱରେ ଥିବା ଅଚିହ୍ନା ଭଦ୍ରବ୍ୟକ୍ତିଙ୍କ ପାଦତଳେ ପଡି ମୁଣ୍ଡିଆ ମାରିବାକୁ ଇଛା ହେଉଥିଲା । କହିଲି, ଆପଣଙ୍କୁ ଧନ୍ୟବାଦ ଜଣାଇବା ପାଇଁ ମୋ ପାଖରେ ଭାଷା ନାହିଁ । ସତରେ ଆପଣ ମଣିଷ ନୁହନ୍ତି , ଦେବତା । ଅପରପାର୍ଶ୍ୱରୁ ସେହି ଭଦ୍ରବ୍ୟକ୍ତି ହସି ହସି କହିଲେ, ଧନ୍ୟବାଦ ଦେବାର ଆବଶ୍ୟକତା ନାହିଁ। ମୁଁ କେବଳ ଗୋଟିଏ କଥା ଜାଣିଛି, ଯଦି ତୁମେ ସକ୍ଷମ ତା' ହେଲେ ଅନ୍ୟର କିଛି ଉପକାର କର, ନଚେତ ରାସ୍ତାରେ ପଡି ତୁମେ ଯେତେବେଳେ ଛଟପଟ ହେଉଥିବ, ତମ ପାଟିରେ କେହି ପାଣି ଟୋପେ ଦେବେ ନାହିଁ। ବରଂ କୁକୁର ଆସି ତୁମ ପାଟିରେ ମୁତିବ। ସେହି ଅଜଣା ଭଦ୍ରବ୍ୟକ୍ତିଙ୍କ ପ୍ରତି ଶ୍ରଦ୍ଧାରେ ମୁଣ୍ଡ ନଇଁଯାଉଥିଲା ।

-କୁଚିଣ୍ଡା, ସମ୍ବଲପୁର
ମୋ:୯୪୩୭୫୩୪୭୭୩

## ଅନ୍ତରଙ୍ଗ

**-ସସ୍ମିତା ମହାନ୍ତି**

**ସ**ମସ୍ତେ କହୁଛନ୍ତି
ତାକୁ ଭୁଲିଯାଆ
ନୂଆ କରି ଜୀଇଁବା ଶିଖ
କେମିତି ବା ବୁଝେଇବି
ତୁମେ ମୋ' ପାଖେ ପାଖେ ଅଛ ବୋଲି !

ସବୁ ତ ସେମିତି ଅଛି
ଘର, ପାଣି, ପବନ, ପୃଥିବୀ, ଆକାଶ
ଆଖି ଖୋଲିଲେ ତୁମେ
ମୋ ମନରେ, ହୃଦୟରେ, ରକ୍ତରେ
ସବୁଠି ତୁମେ ହିଁ ତୁମେ।

କେମିତି ଭୁଲିବି ତୁମକୁ ???
ତଥାପି ଭଗବାନଙ୍କୁ ପଚାରିଲି
ସତରେ କ'ଣ ଭୁଲିହେବ ତାଙ୍କୁ ?
ଚିରହସନ୍ତ ଭଗବାନ
କେବଳ ସ୍ମିତଟେ ହିଁ ଦେଲେ
ତା ଅର୍ଥ ଚେଷ୍ଟା କଲେ ହେବ
କିନ୍ତୁ ଅବସୋସ ଏତିକି
ଭୁଲିବା ପାଇଁ ଯେତିକି ସମୟ ଦରକାର
ତୋର କ'ଣ ଅଛି ସେତିକି ଆୟୁଷ !!

*-ମହାନଦୀ ବିହାର, କଟକ*
*ମୋ: ୭୯୭୮୧୫୫୩୫୯*





ପୂଜା

# ପୂଜାଙ୍କ ନୂଆ ଯୋଜନା

ନବାଗତା ପୂଜା ହେଗଡେ। 'ମହେଞ୍ଜୋଦାରୋ'ରୁ ସେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ହେଲେ ଯା ଭିତରେ ସେ ମାତ୍ର କେତୋଟି ହାତଗଣତି ହିନ୍ଦୀ ସିନେମାରେ ଅଭିନୟ କରିଛନ୍ତି। ଏଣିକି ନିଜ ବଲିଉଡ୍ କ୍ୟାରିୟରକୁ ନେଇ ଆହୁରି ସଚେତନ ହେବେ ବୋଲି କହିଛନ୍ତି। କୌଣସି ସିନେମା ସାଇନ୍ କରିବା ପୂର୍ବରୁ ସେ ଶହେ ଥର ଚିନ୍ତା କରିବେ। ନିଜର ଏପରି ନୂଆ ଯୋଜନା ବିଷୟରେ ସୂଚନା ଦେଇ ପୂଜା କହନ୍ତି, 'ଏକଥା ସତ ଯେ ମୁଁ ବେଶ୍ କେତୋଟି ତେଲୁଗୁ ଏବଂ ତାମିଲ ସିନେମାର ଅଭିନୟ କରିସାରିଛି। ହେଲେ ବଲିଉଡ୍‌ରେ ମୁଁ ଅଳ୍ପ କେତୋଟି ଫିଲ୍ମରେ ଆକ୍ଟିଂ କରିଛି। ଏ ନେଇ ମନରେ ଆଦୌ ଅନୁଶୋଚନା ନାହିଁ। କାରଣ ଏହି ରାସ୍ତାରେ ମୁଁ ଦେଖିଚାହିଁ ପାଦ ପକାଇବି। ତରବର ହୋଇ ଗୁଡାଏ ଫିଲ୍ମରେ ସାଇନ୍ କରିବା ସପକ୍ଷରେ ମୁଁ ନାହିଁ। ନିକଟରେ କାହାଣୀ ପସନ୍ଦ ନ ହେବାରୁ ମୁଁ ୩-୪ଟି ଅଫର ହାତଛଡା କରିଛି।' ପୂଜା ଏବେ ଲଙ୍ଗ୍ ଭ୍ୟାକେଶନରେ ମାଳଦ୍ୱୀପ ଯାଇଛନ୍ତି।

# ଅପେକ୍ଷାର ଫଳ ମିଠା



ଦୀପକ

ଅଭିନେତା ଦୀପକଙ୍କ ଅଭିନୀତ ତିନୋଟି ସିନେମା ପରଦା ଉପରକୁ ଆସିବାକୁ ପ୍ରସ୍ତୁତ ହୋଇ ରହିଛି। ପୁଣି ଏପରି ସଂଯୋଗ ତିନୋଟି ସିନେମାର ନିର୍ଦ୍ଦେଶକ ଜଣେ। ସେ ହେଉଛନ୍ତି କୋରିଓଗ୍ରାଫର-କମ୍-ଡାଇରେକ୍ଟର ସୁଧାକର ବସନ୍ତ। 'ଏଇ ବୋଧେ ଭଲ ପାଇବା'ରେ ତାଙ୍କ ନାୟିକା ସାଜିଛନ୍ତି ଅନୁଭା ସୌର୍ଯ୍ୟା। ଏହାବ୍ୟତୀତ 'ଧଡକନ୍‌ରେ ତୁ' ଚିତ୍ରରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ସସ୍ମିତା। ବେଶ୍ କେତୋଟି ସିନେମାରେ ନାୟକ ସାଜିବା ପରେ ଏବେ ଦୀପକ ଆଉ ଏକ କ୍ଷେତ୍ରରେ ପାଦ ଥାପିଛନ୍ତି। ତାହା ହେଲା ପ୍ରଯୋଜନା। ହୋମ୍ ବ୍ୟାନର ତନୁଜା ସିନେ ପ୍ରଡକ୍ସନରେ ପ୍ରସ୍ତୁତ 'ପଲ୍ ପଲ୍ ତତେ ଚାହେଁ'ର ସେ ପ୍ରଯୋଜନା କରିବା ସହ ତାହାର ନାୟକ ସାଜିଛନ୍ତି। ଏଥିରେ ଫିମେଲ୍ ଲିଡ୍‌ରେ ଅଛନ୍ତି ନବାଗତା ପ୍ରାଚୀ ଚୌଧୁରୀ। ଏ ସମ୍ପର୍କରେ ଦୀପକ କହନ୍ତି, 'ସତ କଥା କହିବାକୁ ଗଲେ ମାଷ୍ଟରଜୀ (ସୁଧାକର ବସନ୍ତ)ଙ୍କ ସହ କାମ କରିବାର ଚାର୍ମ ଅଲଗା। ଏହି ତିନୋଟି ସିନେମାକୁ ଦର୍ଶକ ଗ୍ରହଣ କରିବେ ବୋଲି ମୋର ଆଶା ରହିଛି।' ଦୀପକଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ମନ ମୋର ପ୍ରଜାପତି' ଏବଂ ସୁଧାକରଙ୍କ ନିର୍ଦ୍ଦେଶିତ ପ୍ରଥମ ଚଳଚ୍ଚିତ୍ର ଥିଲା 'ମିତରେ ମିତ'। ଖାସ୍ କଥା ହେଲା ଏହି ଫିଲ୍ମ ଦ୍ୱୟର ପ୍ରଯୋଜକ ଥିଲେ ଅନାମ ଚରଣ ସାହୁ।

# ପ୍ରଶାନ୍ତଙ୍କ ଫିଲ୍ମରେ ରାମ ଚରଣ



ରାମ ଚରଣ

ରାମ ଚରଣ ତେଜା-ଦକ୍ଷିଣ ଭାରତୀୟ ସିନେମାର ଜଣେ ପରିଚିତ ଅଭିନେତା। ପ୍ରତିଟି ସିନେମାରେ ତାଙ୍କର ଅଭିନୟର ଭିନ୍ନତା ସ୍ପଷ୍ଟ ବାରି ହୋଇପଡିଥାଏ। ନିକଟରେ ତାଙ୍କୁ ଏକ ବିଗ୍ ବଜେଟ ଫିଲ୍ମରେ ଆକ୍ଟିଂ କରିବାକୁ ଅଫର୍ ମିଳିଥିଲା। ଅଫର୍‌ଟି ପାଇବା ପରେ ସେ ଏତେ ଖୁସି ହୋଇଯାଇଥିଲେ ଯେ, କିଛି ସମୟ ଚିନ୍ତା କରିବା ପରେ ଏଥିରେ ଅଭିନୟ କରିବାକୁ ରାଜି ହୋଇଥିଲେ। କାରଣ ଏହାର ନିର୍ଦ୍ଦେଶକ ଥିଲେ 'କେଜିଏଫ'ଫେମ୍ ପ୍ରଶାନ୍ତ ନୀଲ୍। ବେଶ୍ କିଛି ମାସ ଧରି ଦୁହିଁଙ୍କ ଭିତରେ କାହାଣୀକୁ ନେଇ ଆଲୋଚନା ଚାଲିଥିଲା। ଶେଷରେ ଏ ନେଇ ଗ୍ରୀନ୍ ସିଗନାଲ ଦେଖାଇଛନ୍ତି ରାମ ଚରଣ। ଏ ସମ୍ପର୍କରେ ରାମ ଚରଣ କହନ୍ତି, 'ପ୍ରଶାନ୍ତଙ୍କ ନିର୍ଦ୍ଦେଶନାରେ କାମ କରିବାର ମଜା ଅଲଗା। ତାଙ୍କ ସହ କାମ କରିବାକୁ ଯାଉଛି। ଏ ନେଇ ନିଜକୁ ମୁଁ ମାନସିକ ସ୍ତରରେ ପ୍ରସ୍ତୁତ କରିନେଇଛି। ଏହି ଅନଟାଇଟଲଡ୍ ଫିଲ୍ମର ଶୁଟିଂ ଖୁବ୍ ଶୀଘ୍ର ଆରମ୍ଭ ହେବ ଏବଂ ରିଲିଜ ପରେ ଏହାକୁ ଦର୍ଶକ ଗ୍ରହଣ କରିବେ ବୋଲି ମୋର ଆଶା ରହିଛି।'

# ଦୃଢ଼ମନା ତାପସୀ

ଅଭିନୟକୁ କ୍ୟାରିୟର ଭାବରେ ଗ୍ରହଣ କରିବା ପୂର୍ବରୁ ତାପସୀ ପାନ୍ନୁ ମଡେଲିଂ ସହ ଜଡିତ ଥିଲେ। ହେଲେ ତା'ପୂର୍ବରୁ ସେ ନିଜକୁ ଜଣେ ମେଧାବୀ ଛାତ୍ରୀ ଭାବରେ ପ୍ରତିପାଦିତ କରିସାରିଥିଲେ। ଯେତେବେଳେ ସେ ତାମିଲ ଇଣ୍ଡଷ୍ଟ୍ରିରେ ପ୍ରବେଶ କଲେ ସେତେବେଳେ ତାଙ୍କୁ ଫ୍ଲପ୍ ଅଭିନେତାଙ୍କ ସହ କାମ କରିବାକୁ ପଡିଥିଲା। ହେଲେ ଏ ନେଇ ସେ ଭାଙ୍ଗି ପଡି ନ ଥିଲେ। ଲଗାତର ୧୦ଟି ସିନେମା ଫ୍ଲପ୍ ହେବା ପରେ ଭାଗ୍ୟଦେବୀ ତାଙ୍କ ପ୍ରତି ପ୍ରସନ୍ନ ହୋଇଥିଲେ। ବଡ ପରଦାରେ ସଫଳତାର ସ୍ୱାଦ ଚାଖିବା ପରେ ଆଉ ପଛକୁ ଫେରି ଚାହିଁ ନ ଥିଲେ ତାପସୀ। ଏ ସମ୍ପର୍କରେ ସେ କହନ୍ତି, 'ମୁଁ ସବୁବେଳେ ଭୁଲରୁ କିଛି ଶିଖିବାକୁ ଚେଷ୍ଟା କରେ। ପ୍ରତିଟି ସିନେମାରେ ମୋର ଦୋଷତ୍ରୁଟିଗୁଡିକୁ ମୁଁ ଭଲ ଭାବରେ ତର୍ଜମା କରିଥାଏ। ସବୁବେଳେ ମନୋବଳକୁ ଦୃଢ଼ କରି ଆଗେଇଥାଏ। ତେଣୁ ଆଜି ମୁଁ ଅଭିନୟ ଜଗତରେ ତିଷ୍ଠି ରହିଛି। ନିଜ ଉପରେ ଶତ ପ୍ରତିଶତ ଭରସା ରହିଛି।' ତାପସୀ ନିଜର କର୍ଲି ହେୟାର ଷ୍ଟାଇଲ ପାଇଁ ବେଶ୍ ପରିଚିତ। ତା'ସହ ଭାରତନାଟ୍ୟମ ଏବଂ କଥକ ନୃତ୍ୟରେ ସେ ବେଶ୍ ପାରଙ୍ଗମ।



ତାପସୀ

# ହରର୍ ଫିଲ୍ମକୁ ଆଶା



ନୁସରତ୍

କଥାରେ ଅଛି ଆଶା ଅସୁମାରୀ। ମଣିଷ ଯାହା ଆଶା କରେ ତାହା ସବୁ ତ ପୂରଣ ହୋଇ ନ ଥାଏ। ତଥାପି ତାକୁ ନେଇ ଅନେକେ ଅପେକ୍ଷା କରିବାକୁ ପସନ୍ଦ କରିଥାଆନ୍ତି। ଦେଖୁନାହାନ୍ତି, ଏକ ହରର୍ ଫିଲ୍ମରେ ଆକ୍ଟିଂ କରିବାକୁ ସେ କେମିତି ଚାହିଁ ବସିଥିଲେ। ଶେଷରେ ତାଙ୍କର ଏହି ଆଶା ପୂରଣ ହୋଇଥିଲା। ଫିଲ୍ମଟି ହେଲା 'ଛୋରୀ' ଏବଂ ଅଭିନେତ୍ରୀ ଜଣକ ହେଲେ ନୁସରତ୍ ଭରୁଚା। ଜଣେ ଗର୍ଭବତୀ ଏବଂ ତାହାର ସ୍ୱାମୀଙ୍କ ଉପରେ ଏହାର କାହାଣୀ ଗତି କରିଛି। ଏଥିରେ ନିଜ ଭୂମିକାର ସଫଳତାକୁ ନେଇ ବେଶ୍ ଆଶା ରଖିଥିଲେ। ଫିଲ୍ମଟି ରିଲିଜ୍ ହେବା ପରେ ତାହାକୁ ଦର୍ଶକ ବେଶ୍ ପସନ୍ଦ କରିଛନ୍ତି। ବିଶେଷ ଭାବରେ ଏଥିରେ ନୁସରତ୍‌ଙ୍କ ଭୂମିକାକୁ ଦର୍ଶକ ପ୍ରଶଂସା କରିଛନ୍ତି। ଏ ନେଇ ସେ କହନ୍ତି, 'ଏହି ଫିଲ୍ମଟିକୁ ଦର୍ଶକ ଗ୍ରହଣ କରିଛନ୍ତି ତାହା ମୋ ପାଇଁ ବଡ କଥା। ଏବେ ହରର୍ ଫିଲ୍ମରେ ଆକ୍ଟିଂ କରିବାର ନିଶା ମୋର ବଢ଼ିଯାଇଛି। ଯଦି ଭବିଷ୍ୟତରେ ଏପରି ଅଫର ମିଳେ ତେବେ ତାହାକୁ ହାତଛଡା କରିବି ନାହିଁ।' ଭୂଷଣ କୁମାରଙ୍କ ଦ୍ୱାରା ପ୍ରଯୋଜିତ ଏହି ଫିଲ୍ମରେ ନୁସରତ୍‌ଙ୍କ ବ୍ୟତୀତ ମିତା ବଶିଷ୍ଟ, ରାଜେଶ ଜୈଶ, ସୌରଭ ଗୋୟଲ ଏବଂ ୟାନିୟା ଭରଦ୍ୱାଜ ମଧ୍ୟ ଅଭିନୟ କରିଛନ୍ତି।

# ଚାଲିଛି ଗୁରୁ ଖୋଜା

ସାରା ଅଲ୍ଲୀ ଖାଁ ଏବେ ଗୋଟିଏ କାମରେ ନିଜକୁ ବ୍ୟସ୍ତ ରଖିଛନ୍ତି। ତାହା କ'ଣ ଜାଣନ୍ତି? ବର୍ତ୍ତମାନ ଗୁରୁ ଖୋଜାରେ ବ୍ୟସ୍ତ ଅଛନ୍ତି ସେ। ହେଲେ କ'ଣ ପାଇଁ ? ଅସଲ କଥା ହେଲା କମେଡିଭିତ୍ତିକ ଫିଲ୍ମରେ ଆକ୍ଟିଂ କରିବାକୁ ଯାଉଛନ୍ତି ସାରା। ତେଣୁ ଏ ନେଇ କିଛି ଶିଖିବାକୁ ମନ ବଳାଇଛନ୍ତି। ପ୍ରତିଦିନ କମେଡି ସିନେମା ଦେଖୁଛନ୍ତି। ତା'ସହ ଏପରି ଜଣେ ବ୍ୟକ୍ତିଙ୍କ ସନ୍ଧାନରେ ଅଛନ୍ତି, ଯିଏ ତାଙ୍କ ମନରୁ କମେଡିକୁ ନେଇ ଥିବା ଆଶଙ୍କାକୁ ଦୂର କରିପାରିବ। ଏ ନେଇ ସାରା କହନ୍ତି, 'ନିକଟରେ ମୋତେ ଏକ କମେଡି ଫିଲ୍ମରେ ଆକ୍ଟିଂ କରିବାକୁ ଅଫର ମିଳିଛି। ହେଲେ ମୁଁ ମୋ ଭୂମିକାକୁ କିପରି ଠିକ୍ ଭାବରେ ନେଇ ଆଣି ଥୋଇ ପାରିବି ସେ ନେଇ ଟେନ୍‌ସନ୍‌ରେ ଅଛି। କେବଳ ସେତିକି ନୁହେଁ, ଏପରି ଜଣେ ବ୍ୟକ୍ତିଙ୍କୁ ଖୋଜୁଛି ଯିଏ ମୋତେ କମେଡି ଭଲ ଭାବରେ ଶିଖାଇ ପାରିବେ।' ତେବେ କମେଡି ମାୟାରେ ପଡିଥିବା ସାରା ଏ କ୍ଷେତ୍ରରେ କେତେ ସଫଳ ହେଉଛନ୍ତି ତାହା ଦେଖିବାକୁ ବାକି ରହିଲା।



ସାରା

ପ୍ରଥମ ରୋଜଗାର

# ରୋଜଗାର ଟଙ୍କାରେ ସିଲେଇ ମେଶିନ କିଣା ହୋଇଥିଲା



**ଶିକ୍ଷୟିତ୍ରୀ, ଲେଖିକା ସ୍ୱପ୍ନା ବେହେରା ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**

କଟକରେ ମୋର ଜନ୍ମ ହୋଇଥିଲେ ହେଁ ମା' ଯେହେତୁ ଶିକ୍ଷୟିତ୍ରୀ ଥିଲେ ତେଣୁ ମୋ ପାଠପଢ଼ା ବିଭିନ୍ନ ସ୍ଥାନରେ ହୋଇଥିଲା । ତେବେ ସୁନ୍ଦରଗଡ଼ ସେଣ୍ଟ ମେରି ଗାର୍ଲ୍ସ ହାଇସ୍କୁଲରେ ଅଷ୍ଟମରେ ପଢ଼ିଲାବେଳେ ମୋତେ ସପ୍ତମ ଶ୍ରେଣୀର ମେରିଟ୍ ସ୍କଲାରଶିପ୍ ମିଳିଲା । ଛୋଟପିଲା ହୋଇଥିବାରୁ ସ୍କଲାରଶିପ୍ ଟଙ୍କାଟିକୁ ମା' ରିସିଭ୍ କରିଥିଲେ । ଏପରିକି କେତେ ଟଙ୍କା ମିଳିଥିଲା ସେ କଥା ବି ମୁଁ ଜାଣି ନ ଥିଲି । ଖାଲି ଏତିକି ଜାଣିଥିଲି, କିଛିଦିନ ପରେ ମା' ଗୋଟିଏ ହାତ ସିଲେଇ ମେଶିନ ଘରକୁ ଆଣିଥିଲେ ଆଉ ସମସ୍ତଙ୍କୁ କହିଥିଲେ, ଏଇ ମେଶିନଟା ସ୍ୱପ୍ନାର ରୋଜଗାର ଟଙ୍କାରେ କିଣା ହୋଇଛି ବୋଲି । ପ୍ରଥମ ଥର ପାଇଁ ରୋଜଗାର ଶବ୍ଦ ସହ ସେଦିନ ପରିଚିତ ହେଲି ଆଉ ଏହି ଶବ୍ଦଟି ଗୋଟିଏ ଆନନ୍ଦ ତଥା ଗର୍ବ, ଗୌରବର ବିଷୟ ବୋଲି ମୁଁ ସେ ଦିନଠୁ ଭାବିନେଲି । ଆଜିବି ସେହି ମେଶିନଟି ମୋ ପାଖେ ସୁରକ୍ଷିତ ଅବସ୍ଥାରେ ଅଛି, ଆଉ ମୋର ସେହି ପୁରୁଣା ସ୍ମୃତିକୁ ବେଳେବେଳେ ମନେ ପକାଇଦେଉଛି । ସେହିଭଳି ରୋଜଗାରକୁ ନେଇ ଆଉ ଏକ ଘଟଣା ଘଟିଥିଲା ୧୯୭୦ ମସିହାରେ । ସେତେବେଳେ ମୁଁ ରେଭେନ୍ସା ଗାର୍ଲ୍ସ ହାଇସ୍କୁଲରେ ମାଟ୍ରିକ୍ ପଢୁଥାଏ ; ଯେଉଁଠି ମା' ବି ଶିକ୍ଷୟିତ୍ରୀ ଥା'ନ୍ତି । ମନୋ ଆକ୍ଟନରେ ରୁଚି ଥିବାରୁ ଥରେ ସ୍କୁଲ ଫଙ୍କଶନରେ ଦୁଷ୍ମନ୍ତ-ଶକୁନ୍ତଳା, ଅନସୂୟା-ପ୍ରିୟମ୍ବଦା, ହରିଣ, ଋଷି ଇତ୍ୟାଦି ଚରିତ୍ରଙ୍କ ଉପରେ ନିଜେ କୋଶଳି ଭାଷାରେ ସ୍କ୍ରିପ୍ଟ ଲେଖି ପରିବେଷଣ କରିଥିଲି । ସେହି ଫଙ୍କଶନକୁ ଅଲ୍ ଇଣ୍ଡିଆ ରେଡିଓର ଯୁବବାଣୀ ବିଭାଗର ଡାଇରେକ୍ଟର ଅତିଥି ଭାବେ ଆସିଥିଲେ । ସେ ମୋର ମନୋ ଆକ୍ଟନକୁ ଦେଖି ମା'ଙ୍କୁ ସାକ୍ଷାତ୍ କରି କହିଲେ, ମୋତେ ଅଲ୍ ଇଣ୍ଡିଆ ରେଡିଓକୁ ରେକର୍ଡିଂ ପାଇଁ ଛାଡ଼ିବାକୁ । ମା' ପ୍ରଥମେ ରାଜି ହେଉ ନ ଥିଲେ କିନ୍ତୁ ଆମ ଘର ପାଖରେ ପଡ଼ୋଶୀ ଭାବେ ରହୁଥିବା ବରିଷ୍ଠ ଅଭିନେତ୍ରୀ ଝରଣା ଦାସ ମା'ଙ୍କୁ ବୁଝାଇବାରୁ ସେ ଛାଡିଥିଲେ । ସେଠି ମୋର ଦୁଇଟି ସ୍କ୍ରିପ୍ଟର ରେକର୍ଡିଂ ହୋଇଥିଲା । ଗୋଟିଏ ହେଲା କୋଶଳି ଭାଷାରେ ନିଜେ ଲେଖିଥିବା ସେହି ମନୋ ଆକ୍ଟନର ସ୍କ୍ରିପ୍ଟ, ଯେଉଁଥିରେ ମୋତେ ୭/୮ଟି ଚରିତ୍ର ଉପରେ ସ୍ୱର ବଦଳାଇ କହିବାକୁ ପଡ଼ିଥିଲା । ଅନ୍ୟଟି ହେଲା 'ଆଜ୍ଞା ! ଟିକେ ଶୁଣିବେ କି'ର ସ୍କ୍ରିପ୍ଟ ; ଯାହାକୁ ମଧ୍ୟ ମୁଁ ନିଜେ ଲେଖିଥିଲି । ରେକର୍ଡିଂ କାମ ସରିବା ପରେ ମୋତେ ଅଲ୍ ଇଣ୍ଡିଆ ରେଡିଓ ତରଫରୁ ୭୫ ଟଙ୍କାର ଏକ ଚେକ୍ ମିଳିଲା । ସାମ୍ନାରେ ଥିବା ଏକ ପାନ ଦୋକାନକୁ ଯାଇ ଚେକ୍‌ଟିକୁ ଭଙ୍ଗେଇଲି । ଚେକ୍ ଭଙ୍ଗେଇବା ବାବଦରେ ପାନଦୋକାନୀ କିଛି ଟଙ୍କା କାଟି ମୋତେ କେତୋଟି ନୋଟ୍ ଓ ଖୁଚୁରା ପଇସା ଦେଇ କହିଲେ, ଝିଅ ବସିକି ଗଣ ! ପ୍ରଥମଥର ପାଇଁ ହାତରେ ନୋଟ୍ ଧରିଥିବାରୁ ଭାରି ଖୁସି ଲାଗୁଥାଏ । ଏହାଦେଖି ପାନଦୋକାନୀ ହସିହସି ମୋତେ କହିଲେ, ହଇଲୋ ଝିଅ, ବହୁତ ନାଁ କମା, ପଇସା ନୁହେଁ । ଏହା ଶୁଣିଲା ପରେ ମୁଁ ସେଦିନ ଆଉ ଗୋଟିଏ କଥା ଶିଖିଲି, ଜୀବନରେ ବଡ଼ ହେବାକୁ ହେଲେ ଟଙ୍କା ନୁହେଁ ବରଂ ନାଁ କମାଇବା ଦରକାର । ବାସ୍ ସେବେଠାରୁ ସେହି ଲକ୍ଷ୍ୟରେ ରହିଲି । ତେବେ ଅଲ୍ ଇଣ୍ଡିଆ ରେଡିଓରୁ ପାଇଥିବା ଟଙ୍କାରୁ କିଛି ନେଇ ପାରିବାରିକ ଦାନ ମୁଣିରେ (ଯେଉଁଥିରୁ ଅସହାୟ ଲୋକଙ୍କୁ ଆମେ ସାହାଯ୍ୟ କରିଥାଉ)ପ୍ରଥମେ ରଖିଥିଲି । ତା'ପରେ ପାଠପଢା ପ୍ରତି ଅଧିକ ଯତ୍ନବାନ ହୋଇ ବି.ଏ., ଏମ୍.ଏ. ଓ ବି.ଏଡ. ପଢା ସାରି କ୍ରମେ କେନ୍ଦ୍ରୀୟ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାମ କରି ଅନେକ ଛାତ୍ରୀଛାତ୍ରଙ୍କୁ ମଣିଷ କରିବାରେ ସକ୍ଷମ ହେଲି । ତା'ସହିତ ଓଡ଼ିଆ ଓ ଇଂଲିଶ ଭାଷାରେ ଅନେକ କବିତା ଲେଖି ସାହିତ୍ୟ ଜଗତରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ମଧ୍ୟ ସୃଷ୍ଟି କଲି । ଖାସ୍ କରି ମୋ ଲିଖିତ 'ଶରଣାର୍ଥୀ ଶିବିରରେ ରାତିଟିଏ' କବିତାଟି ମୋତେ ଖୁବ୍ ଲୋକପ୍ରିୟତା ଆଣିଦେଇଥିଲା ; ଯାହାକି ୟା' ଭିତରେ ପ୍ରାୟ ୬୫ଟି ଭାଷାରେ ଅନୁବାଦ ହୋଇ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇସାରିଛି । ସେହିପରି ଶିଶୁମାନଙ୍କ ପାଇଁ ଅନେକ ଗପ ବି ଲେଖିଛି । କେବଳ ସେତିକି ନୁହେଁ ହିସ୍‌ପାନୋ ମୁଣ୍ଡିଆଲ୍ ରାଇଟର୍ସ ୟୁନିୟନ୍, ଇନର୍ ଚାଇଲ୍ଡ ପ୍ରେସ୍, ମୋଟିଭେସ୍‌ନାଲ୍ ସ୍ଟ୍ରିପ୍ସ, ଏନ୍‌ଭାର୍ନମେଣ୍ଟାଲ୍ ସୋସାଇଟି ଭଳି ଅନୁଷ୍ଠାନ ସହିତ ଜଡ଼ିତ ରହି କିଛି ସମାଜମଙ୍ଗଳ କାମ କରିପାରୁଥିବାରୁ ମୋତେ ଖୁବ୍ ଆତ୍ମଶାନ୍ତି ମିଳୁଛି ।

*-ଅନ୍ୱିତା*

# ମନମୋହିନୀର ଲାଜୁଆ ହସ, ସେଥିରୁ ଝରୁଛି ପ୍ରେମର ରସ

**ପ୍ରଶ୍ନ**-ସେ ମୋ ସ୍ୱପ୍ନ ସୁନ୍ଦରୀ । ତା'ସହ ଯେତେବେଳେ ପ୍ରଥମ ଥର ଭେଟ ହେଲା, ଏକାଥରେ ତା' ମାୟାରେ ମୁଁ ପଡିଗଲି । ହେଲେ ସେ ମୋତେ ଏବେ ଦେଖିଲେ କେବଳ ହସୁଛି, କିଛି କହୁନି । ସେ ମୋତେ ସତରେ ଭଲ ପାଉଛି ତ ?

*-ରବୀନ୍ଦ୍ର ସାହୁ, ଅନୁଗୋଳ*

**ଉତ୍ତର:**ପ୍ରେମ ଏପରି ଏକ ନିଶା ଯାହା ମନକୁ ଥରେ କବଳିତ କଲେ ସେହି ନିଶା ସହଜରେ ଖସେ ନାହିଁ । ଦେଖୁନାହାନ୍ତି, କେମିତି ପ୍ରଥମ ଦେଖାରେ ସେହି ସୁନ୍ଦରୀ ନିକଟରେ ଆପଣଙ୍କ ରଙ୍ଗୀଲା ମନ ବନ୍ଧା ପଡିଯାଇଛି । ଉଲ୍ଲେଖ କରିଛନ୍ତି ଯେ, ଏବେ ସେ କିଛି କହୁନି, କେବଳ ହସି ଦେଉଛି । ବାସ୍, ଏଥିରୁ ଗୋଟିଏ କଥା ଧରିନିଅନ୍ତୁ-'ମନମୋହିନୀର ଲାଜୁଆ ହସ, ସେଥିରୁ ଝରୁଛି ପ୍ରେମର ରସ' । କେବଳ ମଗଜ ଖଟାଇ ସେହି ହସରେ ଲୁଚି ରହିଥିବା ତା' ମନ କଥାକୁ ଭଲ ଭାବରେ ପଢ଼ନ୍ତୁ । ଯଦି ଦୁଇ ପଟରୁ ପାଣିପାଗ ଠିକ୍ ଅଛି ତେବେ ବିଳମ୍ବ ନ କରି ପ୍ରେମ ମିଶନ ଆରମ୍ଭ କରିଦିଅନ୍ତୁ । ଏମିତି ବି ହୋଇପାରେ, ସେ ହସି ଦେଇ ତା' ହସର ଉତ୍ତରକୁ ଆପଣଙ୍କଠାରୁ ଅପେକ୍ଷା କରିଛି । ତେଣୁ ସମୟ ନଷ୍ଟ ନ କରି ପାଦ ଆଗକୁ ବଢ଼ାଇବା ହିଁ ଠିକ୍ ହେବ ।

**ପ୍ରଶ୍ନ**-ମୋ ପ୍ରେମିକା ମୋତେ ଦୁଇ ବର୍ଷ ହେବ ଧୋକା ଦେଇ ଚାଲିଯାଇଛି । ଏବେ ତାକୁ ଦେଖିଲେ ମୋତେ ଲାଗୁଛି ସେ ମୋତେ ପୁଣି ଥରେ ଭଲ ପାଇବାକୁ ଚେଷ୍ଟା କରୁଛି । ତା' ସହ ପୁଣି ଥରେ ପ୍ରେମ ଆରମ୍ଭ କରିବା ଠିକ୍ ହେବ କି ?

*-ଦୀପ୍ତି ପ୍ରଧାନ, କେନ୍ଦ୍ରାପଡା*

**ଉତ୍ତର:** ଦୁଇ ବର୍ଷର ଗ୍ୟାପ୍ ପରେ ସେହି ପୁରୁଣା ପ୍ରେମିକାକୁ ଦେଖିଲା ବେଳକୁ ଆପଣଙ୍କ ଦିଲ୍‌ର ଧଡକନ୍ ବଢୁଛି । ହୁଏତ ତା' ଆଡକୁ ପୁଣି ଥରେ ଢ଼ଳିବାକୁ ଆପଣ ମନସ୍ଥ କରିସାରିଲେଣି । ହେଲେ ସେ ଆପଣଙ୍କୁ ଧୋକା ଦେଇ ଚାଲିଯାଇଥିଲା । ତାକୁ ପୁଣି ଥରେ ବିଶ୍ୱାସ ପରିସରକୁ ନେବା କେତେଦୂର ଯୁକ୍ତିଯୁକ୍ତ ତାହା ଭଲ ଭାବରେ ତର୍ଜମା କରନ୍ତୁ । ପୁଣି ଥରେ ତା'ସହ ପ୍ରେମ ବନ୍ଧନରେ ବାନ୍ଧି ହୋଇ ଯଦି ପୁର୍ନବାର ଧୋକା ଖାଇଲେ ସେତେବେଳର ପରିସ୍ଥିତିକୁ ସାମନା କରିପାରିବେ ତ ? ଆଉ ଗୋଟିଏ କଥା । ତାକୁ ଦେଖିଲେ ଆପଣ ପୁଣି ଥରେ ଲଭ୍ ଗେମ୍ ଆରମ୍ଭ କରିବାକୁ ଚାହୁଁଛନ୍ତି । ତାହାର ଏ ନେଇ ସମ୍ମତି ଅଛି ତ ? ଯଦି ଦ୍ୱିତୀୟ ଥର ପ୍ରେମରେ ବିଶ୍ୱାସ ଦୃଢ଼ ରହିଲା ଭଲ କଥା । ହେଲେ ଯଦି ସେ ଚଢ଼େଇ ପୁଣି ଉଡିଗଲା, ତେବେ ! ଏପରି ସମୟରେ ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ ।

**ପ୍ରଶ୍ନ**-ମୋ ପ୍ରେମିକା ମୋତେ କଥା ଦେଇ ଯାଇଥିଲା ଯେ, ସେ ଫେରି ଆସିବ । ହେଲେ ଦିନ ପରେ ଦିନ ଗଡି ଚାଲିଛି । ଅପେକ୍ଷା କରି କରି ମୁଁ ଧୈର୍ଯ୍ୟହରା ହୋଇଗଲିଣି । ସେହି ଚାନ୍ଦିନୀ ରାତି ଅଛି ହେଲେ ମୋ ମନର ସାଥୀ ନାହିଁ । କ'ଣ କରିବି ?

*-ତୋଫାନ, ରାଉରକେଲା*

**ଉତ୍ତର:** ଆପଣଙ୍କ ପ୍ରେମିକା ଆପଣଙ୍କୁ କଥା ଦେଇ ଯାଇଛି ଯେ, ସେ ଫେରି ଆସିବ । ସମୟ ତା' ବାଟରେ ଗଡି ଚାଲିଛି, ପ୍ରତୀକ୍ଷାର ଅନ୍ତ ହେଉନାହିଁ କି ଆପଣଙ୍କ ମନର ମାନସୀ ଆସୁନାହିଁ । ସତରେ, ବଡ ପ୍ୟାଥେଟିକ୍! ସବୁଠାରୁ ବଡ କଥା, ଆପଣ ଧୈର୍ଯ୍ୟର ସହ ତାକୁ ଅପେକ୍ଷା କରିଛନ୍ତି । ହେଲେ ସବୁ ଅପେକ୍ଷାର ସୀମା ଥାଏ । ହୁଏତ ଏମିତି ବି ହୋଇପାରେ ସେ ଆଉ କାହା ମନରେ ଘର କରି ସାରିଲାଣି । କଥାରେ ଅଛି-ଅପେକ୍ଷାର ଫଳ ମିଠା । ହେଲେ ସବୁ କ୍ଷେତ୍ରରେ ଏହା ସମ୍ଭବ ହୋଇ ନ ଥାଏ । ତେଣୁ ତାକୁ ଆହୁରି ଅପେକ୍ଷା କରିବେ ନା ସେପରି ପ୍ରେମର ଯବନିକା ଟାଣି ଦେବେ ତାହା ନିଜ ଉପରେ ନିର୍ଭର କରେ ।



**ସାଥୀ**





# ମଡର୍ନ ଆପ୍ଲିକ

ଚାନ୍ଦୁଆ ହସ୍ତଶିଳ୍ପ ପାଇଁ ପିପିଲିର ନାଁ ବେଶ୍ ଜଣାଶୁଣା। ସେହିପରି କପଡ଼ାରେ ତିଆରି ବିଭିନ୍ନ କଳାକୃତିକୁ କଟାଯାଇ ଭିନ୍ନ ଭିନ୍ନ ପୋଷାକପତ୍ରରେ ତାହାକୁ ସିଲେଇ କରାଯାଉଥିବା ହସ୍ତକଳା ଶିଳ୍ପକୁ ମଡର୍ନ ଆପ୍ଲିକ ବୋଲି କୁହାଯାଉଛି...

ବିଭିନ୍ନ ପାରମ୍ପରିକ ହସ୍ତଶିଳ୍ପ ଓ କଳା କାରିଗରିର ଭିନ୍ନଭିନ୍ନ ପରିଚୟ ରହିଛି। ତେବେ ଚାନ୍ଦୁଆ ହସ୍ତଶିଳ୍ପ ପାଇଁ ପିପିଲିର ନାଁ ବେଶ୍ ଜଣାଶୁଣା। ସେହିପରି କପଡ଼ାରେ ତିଆରି ବିଭିନ୍ନ କଳାକୃତିକୁ କଟାଯାଇ ଭିନ୍ନ ଭିନ୍ନ ପୋଷାକପତ୍ରରେ ତାହାକୁ ସିଲେଇ କରାଯାଇଥାଏ। ଏପରି ହସ୍ତକଳା ଶିଳ୍ପକୁ ମଡର୍ନ ଆପ୍ଲିକ ବୋଲି କୁହାଯାଉଛି। ପୁରୀ କୁଣ୍ଢେଇବେଣ୍ଟ ସାହିର ଦେବୀପ୍ରସନ୍ନ ନନ୍ଦ କୁହନ୍ତି, ସୂତାଛୁଞ୍ଚି ହସ୍ତଶିଳ୍ପ କଳାର ଏହି ମଡର୍ନ ଆପ୍ଲିକକୁ ପୁରୀ ଆପ୍ଲିକ ବୋଲି କହୁଛୁ। ପ୍ରାୟ ୧୯୮୦ମସିହାଠାରୁ ନିଜସ୍ୱ ଉଦ୍ୟମରେ ପ୍ରଥମେ ଏପରି କିଛି କଳାକୃତି ତିଆରି କରିଥିଲୁ। ଏଥିରେ ପୁରୀର କେତେକ କାରିଗର ଓ ମହିଳା ସ୍ୱୟଂସହାୟକ ଗୋଷ୍ଠୀ କାର୍ଯ୍ୟ କରୁଛନ୍ତି। ଏହି କାମ ପାଇଁ କାରିଗରମାନେ ପ୍ରାୟ ୯୦ଭାଗ ହାତରେ ସିଲେଇ କାମ କରିଥାନ୍ତି। ମାତ୍ର ୧୦ଭାଗ କାମ ମେଶିନରେ କରାଯାଇଥାଏ। ବିଭିନ୍ନ ଅଞ୍ଚଳରୁ କାରିଗରମାନେ ଏଠାକୁ ଆସି ଏହି ମଡର୍ନ ଆପ୍ଲିକ ବା ପୁରୀ ଆପ୍ଲିକ ତିଆରି ପାଇଁ ତାଲିମ ପାଉଛନ୍ତି। ଏଥିପାଇଁ ଜିଲା ହସ୍ତଶିଳ୍ପକେନ୍ଦ୍ରର ସହାୟତା ରହିଛି। ପିପିଲି, ନିମାପଡ଼ା ବଲଙ୍ଗା ଓ ପୁରୀ ସହର ଆପପାଖ ଗାଁର ଏଥିପ୍ରତି ଆଗ୍ରହ ଥିବା କାରିଗରମାନେ ଏହି ହସ୍ତକଳାର ଟ୍ରେନିଂ ନେଉଛନ୍ତି। ଏଥିରେ କାରିଗରମାନେ ନିଜର ପରିଚୟ ସୃଷ୍ଟି କରିବା ସହିତ ରୋଜଗାର ବି କରିପାରିଥାନ୍ତି। ବିଗତ ବର୍ଷରେ ପ୍ରାୟ ୫୪ ମିଟର ଲମ୍ବ ବିଶିଷ୍ଟ ଏକ ପୁରୀ ଆପ୍ଲିକରେ ଦେଶ ସ୍ୱାଧୀନତାର କିଛି କାହାଣୀ ସମ୍ପର୍କରେ କେତେକ କଳାକୃତି ଚିତ୍ରକୁ ଏଥିରେ ସ୍ଥାନଦେଇ ଏକ ନୂଆରେକର୍ଡ ସୃଷ୍ଟି କରିଥିଲୁ। ବିଶେଷକରି ଏହି ପ୍ରକାରର ହସ୍ତକଳାକୁ ବିଭିନ୍ନ ହସ୍ତତନ୍ତ ମେଳା, ମହୋତ୍ସବରେ ପ୍ରଦର୍ଶନ କରାଯାଉଛି। ପୁରୀ ଦୋଳମଣ୍ଡପ ସାହିର ଟିନା ଛାଟୋଇ କୁହନ୍ତି ଯୁକ୍ତ୨ ପାଠପଢ଼ା ପରେ ଘରେ ବସି ନ ରହି କିଛି ହସ୍ତକଳା କାମ ଶିଖିବା ପାଇଁ ଚିନ୍ତା କରିଥିଲି। ଏଥିପାଇଁ ପ୍ରଥମେ ପିପିଲିର ଚାନ୍ଦୁଆ ତିଆରି ପ୍ରତି ମନ ବଳାଇଥିଲି। ମାତ୍ର ପୁରୀରକୁଣ୍ଢେଇବେଣ୍ଟ ସାହିଠାରେ ଥିବା ଦେବୀପ୍ରସନ୍ନ ନନ୍ଦଙ୍କ ମଡର୍ନ ଆପ୍ଲିକ ସମିତିରୁ ମଡର୍ନ ଆପ୍ଲିକରେ ତାଲିମ ଶିକ୍ଷା ପାଇଥିଲି। ୧୯୯୯ମସିହାରୁ ଏଯାଏ ଏହି ହସ୍ତକଳା କାମ କରିଆସୁଛି। ଏଥିରେ ୱାଲ ହ୍ୟାଙ୍ଗିଙ୍ଗ, ଶାଢ଼ି, ବେଡ଼ଶିଟ, ଭ୍ୟାନିଟ, ସୋଫାକଭର, ମନିପର୍ସ, ଲ୍ୟାପ୍‌ଟପ ବ୍ୟାଗ ଆଦିରେ ଏହି ମଡର୍ନ ଆପ୍ଲିକ ବା ପୁରୀ ଆପ୍ଲିକର କଳାକୃତି (ଯାହାକୁ କନାଉପରେ ଡ୍ରଇଁ କରାଯାଇଥିବା ଚିତ୍ରକୁ କାଟି ଅନ୍ୟ ଡ୍ରେସ କନାର ଉପରେ ପ୍ୟାଚ ପକାଇଥାନ୍ତି)ଏଥିରେ ହସ୍ତଶିଳ୍ପର ଛିଟା ରହିଥାଏ। ଏଥିପାଇଁ ପ୍ରଥମେ କନାକୁ ସାଇଜକରି କାନ୍ଥ ବା ଚଟାଣରେ ଟଙ୍ଗା ଯାଏ। ଏହାପରେ କନା ଉପରେ ଆବଶ୍ୟକ ଅନୁଯାୟୀ ବିଭିନ୍ନ କଳାକୃତିର ଚିତ୍ର ବା ଡ୍ରଇଁ କରାଯାଇଥାଏ। ତା'ପରେ ସେହି କପଡ଼ାରୁ ଆବଶ୍ୟକ ଚିତ୍ରର କଳାକୃତିର କଟାଯାଇଥାଏ। ପରେ ବିଭିନ୍ନ ଡ୍ରେସକପଡ଼ା ଉପରେ କଟାହୋଇ ରଖାଯାଇଥିବା କଳାକୃତିର ଚିତ୍ର ଇତ୍ୟାଦିରେ ଟ୍ୟାକ ଲଗାଯାଇ ଥାଏ। ତା'ପରେ ଉକ୍ତ ସାମଗ୍ରୀର ଉପରେ ଟ୍ୟାକ ମରାଯାଇଥିବା କଳାକୃତିର ସାଇଡ୍‌କୁ ସେଥିରେ ସିଲେଇ କରାଯାଇଥାଏ। ଏମିତି-ରେ ଜଣେ କାରିଗର ନିଜର ସମୟ ମୁତାବକ ସେ ଏହି କାର୍ଯ୍ୟକୁ କରିଥାନ୍ତି। ତେବେ ଏହି ପ୍ରକାର ମଡର୍ନ ଆପ୍ଲିକ ପାଇଁ ସରକାରୀ ବେସରକାରୀ ସଂସ୍ଥା ତରଫରୁ କାରିଗରମାନଙ୍କୁ ବିଭିନ୍ନ ସ୍ଥାନରେ ଟ୍ରେନିଂ ପ୍ରଦାନ କରାଯାଇଥାଏ। ବିଶେଷକରି ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନେ ନିଜର ବଳକା ସମୟକୁ ଉପଯୋଗକରି ଏହି ହସ୍ତଶିଳ୍ପରୁ ରୋଜଗାର କ୍ଷମ ହୋଇପାରୁଛନ୍ତି। ଏପରି କି ଜଣେଜଣେ କାରିଗର ନିଜର ସମୟ ଅନୁସାରେ ମାସିକ ପ୍ରାୟ ୭/୮ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଆୟ କରିଥାନ୍ତି। ଏହି ମଡର୍ନ ଆପ୍ଲିକ ବା ପୁରୀ ଆପ୍ଲିକ ସାମଗ୍ରୀର ବିଭିନ୍ନ ମୂଲ୍ୟ ରହିଛି। ଗୋଟିଏ ଗୋଟିଏ ଶାଢ଼ିର ମୂଲ୍ୟକୁ ନେଇ ମଡର୍ନ ଆପ୍ଲିକ ତିଆରିରେ ପାରିଶ୍ରମିକକୁ ହିସାବ କରାଯାଇଥାଏ। ଏଥିରେ ଗୋଟିଏ ଶାଢ଼ିକୁ ୨ହଜାର ଟଙ୍କାରୁ ଖର୍ଚ୍ଚ ଅନୁସାରେ ମୂଲ୍ୟ କରାଯାଇ ବିକ୍ରି କରାଯାଇଥାଏ। ସେହିପରି ଗୋଟିଏ ୱାଲ ହ୍ୟାଙ୍ଗିଙ୍ଗର ମୂଲ୍ୟ ସହିତ ଏହି ମଡର୍ନ ଆପ୍ଲିକ କରାଯାଇଥିବା କଳାକୃତିର ଦାମ୍ ବି ଅଧିକ ହୋଇଥାଏ। ତେବେ ଆଜିକାଲିର ବଜାରରେ ଏହାର ଚାହିଦା ବି ବଢୁଛି। ଏହି ମଡର୍ନ ଆପ୍ଲିକ ସାମଗ୍ରୀ ତିଆରି କରୁଥିବା ହସ୍ତକଳା କାରିଗରମାନେ ବିଭିନ୍ନ ମେଳା, ମହୋତ୍ସବରେ ନିଜର ପସରା ଖୋଲିଥାନ୍ତି। ଏମିତି କି ବୟନିକା, ଉତ୍କଳିକା ଏବଂ ରାଜ୍ୟ ହସ୍ତତନ୍ତ ମେଳାରେ ଯୋଗଦେଇ କଳାକୃତିକୁ ବିକ୍ରି କରିଥାନ୍ତି। ତେବେ ଆମ ରାଜ୍ୟର ବିଭିନ୍ନ ହସ୍ତକଳା କାରିଗରି ପରି ଏହି ମଡର୍ନ ଆପ୍ଲିକର ପରିଚୟ ଧୀରେ ଧୀରେ ଲୋକପ୍ରିୟତା ହାସଲ କରୁଛି।

**-ବନବିହାରୀ ବେହେରା**







## ପ୍ରିୟଙ୍କା



ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ, ଧରିତ୍ରୀ

### ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

## ହାଃ ହାଃ

### ବିବିଏ

ମନୁ ମଉସା ଗୋପୀକୁ: ତୋର ତ ଯୁକ୍ତ ଦୁଇ ସରିବ। ୟା ପରେ କ'ଣ କରିବୁ ବୋଲି ଭାବିଚୁ ?
ଗୋପୀ: ବିବିଏ।
ମନୁ ମଉସା: ଭଲ। ହେଲେ ବିବିଏ କ'ଣ କିରେ ?
ଗୋପୀ: ବିବିଏର ଅର୍ଥ ହେଉଛି, 'ବିଓ୍ୱି କେ ବାହୋଁ ମେଁ ଆରାମ'।

### ସାଦା କାଗଜ

ମୁନା ଏକ କାଗଜକୁ ଧରି କିସ୍ କରୁଥାଏ। ଏହା ଦେଖି ରାଜେଶ: କାଗଜକୁ କାହିଁକି କିସ୍ କରୁଛୁ ?
ମୁନା: ଇଏ କାଗଜ ନୁହେଁ ଲଭ୍ ଲେଟର୍।
ରାଜେଶ: ହେଲେ ଏଥିରେ ତ କିଛି ଲେଖା ନାହିଁ। ସାଦା କାଗଜଟେ।
ମୁନା: କିଛିଦିନ ହେବ ଆମର କଥାବାର୍ତ୍ତା ନାହିଁ ନା ସେଥିପାଇଁ।

### ବାପା

ଲକ ଡାଉନ୍ ସରିବା ପରେ ସ୍କୁଲ ମିଟିଂରେ ଜଣେ ବ୍ୟକ୍ତି ଶିକ୍ଷୟିତ୍ରୀଙ୍କୁ: ମୁଁ ମୋହନର ବାପା।
ଶିକ୍ଷୟିତ୍ରୀ: ହଁ ମୁଁ ଜାଣିଛି।
ବ୍ୟକ୍ତି: କେମିତି ଜାଣିଲେ ?
ଶିକ୍ଷୟିତ୍ରୀ: ଅନ୍ ଲାଇନ୍ କ୍ଲାସ୍ ବେଳେ ମୁଁ ଆପଣଙ୍କୁ ଅନେକ ସମୟରେ ଝାଡ଼ୁ ଧରି ଘର ଓଳାଉଥିବା ଦେଖିଛି।




## ଅପୂର୍ବ ଶୋଭାର ଗନ୍ତାଘର

# ହୋନେମାରାଡ୍ଡୁ

କର୍ଣ୍ଣାଟକର ସାଗର ନାମକ ସହର ନିକଟରେ ରହିଛି ହୋନେମାରାଡ୍ଡୁ ନାଁରେ ଏକ ପର୍ଯ୍ୟଟନସ୍ଥଳୀ। ପ୍ରକୃତପକ୍ଷେ ଏହା ହେଉଛି ସ୍ଥାନୀୟ ଏକ ଗାଁ। ଶାରାବତୀ ନଦୀକୂଳରେ ଗଢ଼ିଉଠିଥିବା ଏହି ଗାଁକୁ ଲାଗିରହିଛି ଜଙ୍ଗଲ ପରିବେଷ୍ଟିତ ଏକ ପାହାଡ, ଯଦ୍ଦ୍ୱାରା ଏଠାକାର ପ୍ରାକୃତିକ ପରିବେଶ ହୋଇଥାଏ ବେଶ୍ ମନଛୁଆଁ। ତା'ଛଡ଼ା ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ଏଠାରେ ରହିଛି ଅନେକ କିଛି। ତନ୍ମଧ୍ୟରୁ ଗୋଟିଏ ହେଉଛି ଲିଙ୍ଗନମାକ୍କି ଜଳାଶୟ; ଯାହା ପରବର୍ତ୍ତୀ ସମୟରେ ହୋନେମାରାଡ୍ଡୁ ଜଳାଶୟ ନାମରେ ବି ପରିଚିତ। ସେହିପରି ଏହି ଜଳାଶୟର ଠିକ୍ ମଧ୍ୟବର୍ତ୍ତୀ ଅଞ୍ଚଳରେ ରହିଛି ଏକ ଛୋଟିଆ ଦ୍ୱୀପ, ଯାହାର ଆକର୍ଷଣରେ ଆକର୍ଷିତ ହୋଇ ଅନେକ ପର୍ଯ୍ୟଟକ ବୋଟ୍ ଯୋଗେ ଯାଇ ସେଠାରେ ପିକ୍‌ନିକ୍ କରିଥାନ୍ତି। କେବଳ ଏତିକି ନୁହେଁ, ହୋନେମାରାଡ୍ଡୁରେ ଆହୁରି ଅନେକ କିଛି ଅଛି ଦେଖିବାକୁ। ଯେମିତିକି:

***ଯୋଗ ଜଳପ୍ରପାତ:** ଶାରାବତୀ ନଦୀଦ୍ୱାରା ସୃଷ୍ଟି ହୋଇଥିବା ଏହି ଜଳପ୍ରପାତଟି ପ୍ରାୟ ୨୮୯ ଫୁଟ ଉଚ୍ଚତା ବିଶିଷ୍ଟ ଏକ ପାହାଡ ଉପରୁ ଝରିବାର ଅପୂର୍ବ ଦୃଶ୍ୟ ହୋନେମାରାଡ୍ଡୁରେ ଦେଖିବାକୁ ବେଶ୍ ଆକର୍ଷଣୀୟ ଲାଗିଥାଏ। ସେଥିପାଇଁ ପ୍ରାୟତଃ ପର୍ଯ୍ୟଟକଙ୍କର ଭିଡ଼ ଏଠାରେ ଦେଖିବାକୁ ମିଳିଥାଏ।

***ଡାବେ ଜଳପ୍ରପାତ:** ଯୋଗ ଜଳପ୍ରପାତଠାରୁ ପ୍ରାୟ ୩୦ କି.ମି. ଦୂରରେ ରହିଛି ଏହି ଜଳପ୍ରପାତଟି। ଏହା ହୋସାଗଣ୍ଡେ ନାମକ ଏକ ପାହାଡ଼ ଉପରୁ ଝରୁଥାଏ, ଯାହା ଦେଖିବାକୁ ବେଶ୍ ଆକର୍ଷଣୀୟ ଲାଗିଥାଏ। ଯୋଗ ଜଳପ୍ରପାତ ପରି ଏହା ମଧ୍ୟ ହେଉଛି ହୋନେମାରାଡ୍ଡୁର ଅନ୍ୟତମ ଆକର୍ଷଣ।

### ଦୁଃସାହସିକ କ୍ରୀଡ଼ାର ଆନନ୍ଦ

ହୋନେମାରାଡ୍ଡୁରେ ଯେହେତୁ ପାହାଡ଼ ଓ ଜଳାଶୟ ଆଦି ରହିଛି, ତେଣୁ ଏଠାରେ ଟ୍ରେକିଂ, ବୋଟିଂ ତଥା କାୟାକିଂ ଭଳି ଦୁଃସାହସିକ କ୍ରୀଡ଼ାର ବେଶ୍ ଭଲ ସୁବିଧା ଉପଲବ୍ଧ ଅଛି। ଏଥିରେ ରୁଚି ରଖୁଥିବା ପର୍ଯ୍ୟଟକ ଏହି ସବୁ କ୍ରୀଡ଼ାର ଭରପୂର ଆନନ୍ଦ ନେଇପାରିବେ। ତା'ଛଡ଼ା ଏଠାରେ ଏହିସବୁ କ୍ରୀଡ଼ା ଉପରେ ଗାଇଡ୍‌ମାନଙ୍କ ଦ୍ୱାରା ତାଲିମ ଦେବାର ବ୍ୟବସ୍ଥା ବି ରହିଛି। ହେଲେ ଧ୍ୟାନଦେବେ ଏଠାରେ କାହାରିକୁ ପହଁରିବା ପାଇଁ ଅନୁମତି ଦିଆଯାଏ ନାହିଁ।

### ପକ୍ଷୀ ଦେଖିବାର ସୁଯୋଗ

ଜଙ୍ଗଲିଆ ପରିବେଶ ସାଙ୍ଗକୁ ଜଳାଶୟ ଥିବାରୁ ଏଠାରେ ବିଭିନ୍ନ ପକ୍ଷୀମାନଙ୍କୁ ଦେଖିବାର ସୁଯୋଗ ମିଳିଥାଏ। ଖାସ୍ କରି ଶୀତଦିନ ହେଲେ ଦେଶ ବିଦେଶରୁ ବହୁ ସଂଖ୍ୟାରେ ପକ୍ଷୀ ଏଠାକୁ ଆସିଥାନ୍ତି। କେବଳ ପକ୍ଷୀ ନୁହନ୍ତି ଏଠାରେ ନାନା ଜାତିର ପ୍ରଜାପତିଙ୍କୁ ବି ଦେଖିବାର ସୁବିଧା ରହିଛି।

### ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ମନୋରମ ଦୃଶ୍ୟ

ଶାରାବତୀ ନଦୀତଟରେ ବସି ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ମନୋରମ ଶୋଭାକୁ ଦେଖିବାର ମଜା ହୋନେମାରାଡ୍ଡୁରେ ବେଶ୍ ନିଆରା ଲାଗିଥାଏ। ସେଥିପାଇଁ ବର୍ଷର ଅଧିକାଂଶ ସମୟରେ ଏଠାରେ ପର୍ଯ୍ୟଟକ ନିରୋଳାରେ ବସି ଖାସ୍ ଏହି ଦୃଶ୍ୟକୁ ଉପଭୋଗ କରିବା ପାଇଁ ଧାଇଁ ଆସିଥାନ୍ତି।

### କେବେ ଓ କେମିତି ଯିବେ

ବର୍ଷର ଯେ କୌଣସି ସମୟରେ ଏଠାକୁ ଯିବାର ସୁବିଧା ଥିଲେ ହେଁ, ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ରର ମତାନୁଯାୟୀ, ନଭେମ୍ବରରୁ ମାର୍ଚ୍ଚ ହେଉଛି ହୋନେମାରାଡ୍ଡୁକୁ ଯିବା ପାଇଁ ସବୁଠୁ ଉପଯୁକ୍ତ ସମୟ। କାରଣ ଏହି ସମୟରେ ଏଠାକାର ପାଣିପାଗ ବୁଲାବୁଲି କରିବାକୁ ବେଶ୍ ଅନୁକୂଳ ଥାଏ। ତା'ସହିତ ଏହି ସମୟରେ ଏଠାକୁ ଗଲେ ଅନେକ ପକ୍ଷୀଙ୍କୁ ଦେଖିହୁଏ। ସେହିପରି ହୋନେମାରାଡ୍ଡୁକୁ ଯିବା ପାଇଁ ଗମନାଗମନର ବି ବେଶ୍ ସୁବିଧା ରହିଛି। ଟ୍ରେନ୍ ହେଉ ଅବା ବସ୍, ପର୍ଯ୍ୟଟକ ଯେଉଁଥିରେ ସୁବିଧା ସେଥିରେ ଆରାମରେ ଯାଇ ହୋନେମାରାଡ୍ଡୁରେ ପହଞ୍ଚିପାରିବେ।

ଦୁଃସାହସିକ କାର୍ଯ୍ୟକୁ ପସନ୍ଦ କରୁଥିବା ତଥା ଜଳକ୍ରୀଡ଼ାରେ ରୁଚି ରଖୁଥିବା ପର୍ଯ୍ୟଟକଙ୍କ ନିମନ୍ତେ ହୋନେମାରାଡ୍ଡୁ ହେଉଛି ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। କାରଣ ଏଠାରେ ଦେଖିବା ନିମନ୍ତେ ରହିଛି ଜଙ୍ଗଲ ପରିବେଷ୍ଟିତ ଅନେକ ପାହାଡ଼, ଝରଣା, ଜଳାଶୟ, ଦ୍ୱୀପ ଇତ୍ୟାଦି। ଏଥିସହିତ ବୋଟିଂ, କାୟାକିଂ, ଟ୍ରେକିଂ ପାଇଁ ବି ଏଠାରେ ସୁବିଧା ରହିଛି...






# ଦୁଇ ଚକରେ ଅଟୋ ଚଳାଇ କଲେ ରେକର୍ଡ

ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ନାମ ସାମିଲ କରିବା ଅନେକଙ୍କର ସ୍ୱପ୍ନ ଥାଏ । ସେଥିପାଇଁ ଅନେକ ରୋମାଞ୍ଚକର ଓ ଅବିଶ୍ୱସନୀୟ କାମ କରିବାକୁ ଲୋକେ ପଛାଇ ନ ଥାନ୍ତି। ସେମିତି ଏକ ରୋମାଞ୍ଚକର ରେକର୍ଡ ଚେନ୍ନାଇର ଜଗଥିସ୍ ଏମ୍. ମଣି କରିଛନ୍ତି। ସେ ତିନିଚକିଆ ଅଟୋରିକ୍ସାକୁ ଦୁଇ ଚକରେ ଗୋଟିଏ ପାର୍ଶ୍ୱକୁ ଢଳି ରହି ୨.୨ କି.ମି ପର୍ଯ୍ୟନ୍ତ ଅବିରତଭାବେ ସନ୍ତୁଳନ ରକ୍ଷା କରି ଚଳାଇ ଏହି ରେକର୍ଡ କରିଛନ୍ତି। ତାମିଲନାଡୁର ଜଗଥିସ୍ ଉକ୍ତ ରେକର୍ଡ ୨୦୧୫ରେ କରିଥିଲେ ହେଁ ଗିନିଜ୍ ୱାର୍ଲଡ ରେକର୍ଡସର ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟର ଷ୍ଟୋରିରେ ଏହାର ଏକ ଥ୍ରୋ ବ୍ୟାକ୍ କ୍ଲିପିଂ ନିକଟରେ ପୋଷ୍ଟ କରାଯାଇଛି। ଫଳରେ ପୁଣିଥରେ ଜଗଥିସ୍ ଚର୍ଚ୍ଚାକୁ ଆସିଛନ୍ତି। ଉକ୍ତ ଭିଡିଓ ସହ କ୍ୟାପ୍ସନ ରହିଛି ଯେ, 'ଏପିକ୍ ଅଟୋରିକ୍ସା ସାଇଡ ହ୍ୱିଲି, ଚେନ୍ନାଇ, ଭାରତ୍‌ସ ଅଟୋରିକ୍ସା ଡ୍ରାଇଭର୍ ଜଗଥିସ୍ ଏମ୍ ମଣି' । ଜଗଥିସ୍ କହନ୍ତି, ମୁଁ କେବେ ଭାବି ନ ଥିଲି ଏଭଳି ଅଟୋ ଚଳାଇ ରେକର୍ଡ କରିପାରିବି ବୋଲି। ଏହି ସଫଳତା ପାଇ ମୁଁ ବହୁତ ସନ୍ତୁଷ୍ଟ।







## କାର୍ଟୁନ କର୍ନର



# ମା' ମାଟି - ମଣିଷ

ଶ୍ରୀମାନ୍ ସର୍ବଗିଳା



ଚାଳିଶି ବରଷ ପୂର୍ବରୁ ଚାଲିଆରେ ଥିବା ଆମ ଗ୍ରାମଦେବତୀ, ଏବେ ବି ସେଇଜାଗାରେ ସେମିତି ବସିଛନ୍ତି ଦେଖି ଲମ୍ୱହୋଇ ପ୍ରଣାମ କଲି । ମା'ର ଧୈର୍ଯ୍ୟକୁ ଧନ୍ୟବାଦ ଦେଲି । ଆମ୍ଭ ଭଳି ଯୋଗ୍ୟ ପୁତ୍ରଙ୍କର ଗ୍ରାମଦେବୀ ମା' ପେଚାଟଡ଼େଇ ଭଳି ଜାକିଜୁକି ହୋଇ ନଈକୂଳର ବରଗଛ ମୂଳେ କୋଡ଼ିଏ ତିରିଶିଟା ଇଟା ଗଡ଼ା ଆସନରେ ସେବେ ବସିଥିଲେ । ଏତେଦିନ ହେଲା ଖରା, ବର୍ଷା, ଶୀତ, କାକର, ଝଡ଼ ବତାସ ସହି ସେଇଠି ରହି ଗାଁକୁ ଏଯାଏ ଶୁଭଦୃଷ୍ଟିରେ ଅନେଇଛନ୍ତି । ଧନ୍ୟ ଲୋ ମା' ତୁ ! ତୋ'ରି ଗାଁର ସନ୍ତାନଗଣ ଛଣଛପର ଟିଣଛପର ଘରଭାଙ୍ଗି ଏକ ମହଲାରୁ ଚାରିମହଲା କୋଠା ତୋଳି, ବିଜୁଳି ଆଲୁଅ ଜାଳି, ତାଳପତ୍ର ବିଞ୍ଚଣା ପଙ୍ଖାରୁ ଏସି ଘରେ ରହିଲେଣି । ହେଲେ ତୁ କେବେ ଆପତ୍ତି ଅଭିଯୋଗ କରିନୁ କି ଫନୀ-ହୁଦୁହୁଦୁ ଭଳିଆ ମହାବାତ୍ୟାରେ ସମସ୍ତେ କୋଠାର ନିରାପଦ କୋଠରିରେ ରହିଲେ ବି ତୁ କୁଆଡ଼େ ନ ଯାଇ ସବୁ ଝଡ଼ପବନ ବର୍ଷା ମାଡ଼ ଖାଇ ସେଇଠି ବସିଛୁ ଯେ ବସିଛୁ ।

ମା'ଲୋ ! ଗାଁ ଲୋକଙ୍କ ପୁଅଝିଅ ବାହାଘର ହେଲେ ଲୁଗାକିଣା ତାଲିକା କଲାବେଳେ ଆଗେ ତୋ'କଥା ମନେପକେଇ ତୋ ପିନ୍ଧା ପାଇଁ ପୁରା ପାଞ୍ଚଟଙ୍କିଆ କରିଆ କନାଟେ ଲେଖନ୍ତି । ତା' ପରେ ଝିଅ ଜ୍ୱାଇଁଙ୍କ ବସ୍ତ୍ରରୁ ଅନ୍ୟମାନଙ୍କ ଲୁଗାପଟା ପଚାଶ ହଜାରରୁ ଲାଖେ ଟଙ୍କିଆ ଶାଢ଼ି ସୁନାଗହଣା କିଣାଯାଏ । ମା'ଲୋ ! ସେମିତି ଭୋଜିଭାତର ଚିଠା କଲାବେଳେ ତୋ ପାଇଁ ଭାବଭକତି ଉଛୁଳି ପଡ଼ିବାରୁ ତୋ ଲାଗି ଦଶଟଙ୍କିଆ ଉଖୁଡ଼ା ପାକେଟ୍ ଗୋଟେ, ଆଣ୍ଠେରା କଦଳୀ ଯୋଡ଼େ କିଣା ସରିବା ପରେ ବାକି ପଚାଶ ଶହେ ପ୍ରକାର ଆଇଟମ୍ ପାଇଁ ମାଛ, ମାଂସଠୁ ଯାବତୀୟ ତେଲ ମସଲା ନାଲିପାଣିବୋତଲ ଇତ୍ୟାଦି ସରଞ୍ଜାମ ଆୟୋଜନ ହୁଏ । ଦିନେ ଜଣେ ବନ୍ଧୁଙ୍କ ଝିଅ ବାହାଘର ସଉଦା କିଣା ବେଳେ ପଚାରୁ ପଚାରୁ ପଚାରିଦେଲି, 'ତମ ପାଇଁ ଏତେ ସବୁ ଆୟୋଜନ, ମା'ଙ୍କ ପାଇଁ ଉଖୁଡ଼ା, କରିଆ ଦାନ ?' ବନ୍ଧୁ ବୁଝେଇଦେଲେ ଏଗୁଡ଼ା ଗୋଟେ ବିଧି । ସତରେ କ'ଣ ମା' ଖାଏ ନା ପିନ୍ଧେ ? ମୁଁ ମନେମନେ ଭାବୁଥିଲି ସତରେ ମା' ଖାଏନି କି ପିନ୍ଧେନି । ସବୁ ମିଛିମିଛିକା । ସେମିତି ମା' ବି ମିଛିମିଛିକା ଆମକୁ ବିପଦ ଆପଦରେ ରକ୍ଷା କରୁଥିବ । ମା' ଯେମିତି ଘରେ ଖାଇ ନ ଥିଲେ ବି ମିଛିମିଛିକା ଖାଇଛି କହି ସନ୍ତାନର ଇଜ୍ଜତ ରଖେ । ଏ ଗ୍ରାମଦେବୀ ବି ସେମିତି ମିଛେଇ । ତଥାପି ପ୍ରବଳ ଆବେଗରେ ପୁଅ ଝିଅଙ୍କ ବାଘୁଆଦୋଷ କଟିବାକୁ ସୁଖରେ ସଂସାର ଚଳିବାକୁ ଆଗ ତୋତେ ଗାଧୋଇ, ଶାଢ଼ି ସୁନା ତତେ ଦେଖେଇ ଦେଇ ବରକନିଆ ପିନ୍ଧି ସଜେଇ ହୋଇ ଚାଲିଯା'ନ୍ତି । ତୁ' ବି ପାଞ୍ଚଦଶଟଙ୍କିଆ ଦରବରେ ସନ୍ତୁଷ୍ଟ ହୋଇ ସୁଖ ସଂସାର ପାଇଁ ବର ଯାଚିଦଉ । ଧନ୍ୟ ତୋ ମଙ୍ଗଳମୟୀ ରୂପ ।

ମା' ! ତୁ ତ ଗ୍ରାମଦେବତୀ । ଘରେ ଜନମକଲା ମା' ବାପ ବି ତୋରି ଦଶା ଭୋଗୁଛନ୍ତି । ଯାହିତାହି ଗଣ୍ଡେ ଖୋଇଦେଇ, ଖଣ୍ଡେ ପିନ୍ଧେଇ କର୍ତ୍ତବ୍ୟ ସାରିଦେଇଅନ୍ତି ପିଲାଏ । ତୁ ଯେମିତି କୋଉକାଳୁ ଗଛମୂଳେ ପଡ଼ିଛୁ । ବୁଢ଼ାବୁଢ଼ୀ ବାପା ମା' ବି ଘରେ ଅଲୋଡ଼ା ହୋଇ କୋଠାର ଶିଡ଼ିଘର ତଳେ ପଡ଼ି ଗଡୁଛନ୍ତି, ରଡୁଛନ୍ତି । ତାଙ୍କ ସେବା ଯତ୍ନ ପାଇଁ କିଏ ବା ଆଖିଦେଇଛନ୍ତି ?

ମା'ଲୋ ତତେ ଯେମିତି ପଚାଶ ଶହେ ଟଙ୍କିଆ ଦରବ ଭୋଗ ଯାଚି କେସ୍ ଫଇସଲା କି ପିଲାର ଚାକିରି ପ୍ରମୋଶନ, ଧନଲାଭ, ଭଲ ବେପାର ପାଇଁ ବାଧକରି ଖିରିପୁରି ଭୋଗ ଲଗାଯାଏ ଆଉ ମାନସିକ ପୂରଣ ନ ହେଲେ ମନଇଚ୍ଛା ଗାଳିଦିଅନ୍ତି, ଠିକ୍ ସେମିତି ଆଜିକାଲି ଅନେକ ଭେଣ୍ଡିଆ ପୁଅବୋହୂଙ୍କଠୁ ବୁଢ଼ାବୁଢ଼ୀ ବି ନିଇତି ଗାଳିଖାଆନ୍ତି । ତଥାପି ତୋ ଧୈର୍ଯ୍ୟକୁ ମାନିବାକୁ ପଡ଼ିବ । ମା'ଲୋ ! ଯିଏ ଜନମକଲା ମା' ବାପାଙ୍କୁ ହତାଦର କରି କଲବଲ କରନ୍ତି, ସିଏ ତତେ କେମିତିକା ଭକତିରେ ପୂଜା କରନ୍ତି । ତୁ କ'ଣ ଜାଣିନୁ ? ଅଧିକାଂଶ ବିରାଟ କୋଠାର ବହୁ କୋଠରିରେ ରହୁଥିଲେ ବି ତତେ ବା ଅନ୍ୟ ଦେବଦେବୀଙ୍କଠୁ କାନ୍ଥରେ ପିରକ କଣ୍ଟା ବାଡ଼େଇ ସେଇଥିରେ ଝୁଲେଇ ଧୂପ ବୁଲେଇକି କାମ ସାରନ୍ତି ତ କେହି କେହି କାନ୍ଥ ଖୋଳା ଠଣାରେ ଖୁନ୍ଦାଖୁନ୍ଦି କରି ରଖି ଟିକେ ଚିନି ଗୁଡ଼ ଭୋଗଲଗେଇ କେତେ କ'ଣ ମାଗିଯା'ନ୍ତି । ତୁ ଦୟାମୟୀ କାହା କୋଳରେ ସନ୍ତାନ ଦେଉ ତ କାହାକୁ ଉଚ୍ଚ ଦରମାରେ ଚାକିରି । କାହାକୁ ପରୀକ୍ଷାରେ ପାସ୍ କରାଉ ତ କାହାକୁ ବେପାରରେ ଲାଭ ପୁଣି କାହାର କୋର୍ଟ କଚେରି କେସ୍‌ରେ ଜିତାପଟ କରାଉ । ତୁ ଦୟାକରି କାହା ଭଙ୍ଗା କୁଡ଼ିଆକୁ ଅଟ୍ଟାଳିକା ବନାଉ । ଏମିତି କି ଡାକ୍ତର ବଇଦ ଭଲ କରିପାରୁ ନ ଥିବା ରୋଗକୁ ତୋ ପାଦୁକ ପାଣି ଛଡ଼ା ତୁଳସୀରେ ଆରୋଗ୍ୟ କରୁ । ସବୁ କାମ ସରିଗଲା ପରେ ସବୁ ଶ୍ରେୟ ମଣିଷ ଆଡ଼କୁ ଯାଏ । ତଥାପି ତୁ କିଛି କହୁନା । ଯେମିତି ମା' ବାପର ତ୍ୟାଗରେ ମଣିଷ ହେଲା ପରେ ପୁଅ ସବୁ ଭୁଲିଯାଏ ।

ମା'ଲୋ ! ତୁ ଯେମିତି ସବୁ ଯାତନା-ନିର୍ଯ୍ୟାତନା ସହି ପଡ଼ି ରହିଛୁ, ସେମିତି ଜନନୀଠୁ ମାଟିମା' ଜନ୍ମଭୂମି ବି ସବୁ ସହୁଛି । ମାଟି ମା' ଜନ୍ମଭୂମି ଉପରେ ଯେତେ ଅତ୍ୟାଚାର ପ୍ରଦୂଷଣଠାରୁ ପଡ଼ୋଶୀ ରାଜ୍ୟ କି ରାଷ୍ଟ୍ରର ଘନଘନ ଆକ୍ରମଣ ପରେ ବି ତୋ ପିଲାଙ୍କର ପାଟି ଖୋଲୁନି କି ରକ୍ଷା କରିବାକୁ ଅସ୍ତ୍ର ଉଠୁନି ।

ଯେଉଁ ମଣିଷ ଆପଣା ପାଚେରି କାନ୍ଥରେ କିଏ ମୁତିଦେବ ବୋଲି ଦିଅଁ ଦେବତାଙ୍କ ଚିତ୍ର ଆଙ୍କେ, ଫଟୋ ମାରେ, ଆପଣା ବେପାର ଖ୍ୟାତି ବଢ଼ିବ ବୋଲି ଦେବମୂର୍ତ୍ତିଙ୍କ ହୋଟେଲ ଅଟ୍ଟାଳିକା ଆଗରେ ଦରୁଆନ୍ ପରି ଖରାବର୍ଷାରେ ଠିଆ କରାଏ, ଯେଉଁ ମଣିଷ ସାରା ବର୍ଷ ମଦ ନିଶାରେ ବୁଡ଼ି କେବଳ ମଦର୍ସ ଡେ, ଦିନଟିଏ ମାଆକୁ ମନେ ପକେଇ ତାକୁ ସଜେଇ ସୋସିଆଲ୍ ମିଡିଆରେ ଫଟୋ ଛାଡ଼ିଲା ପରେ ମା'କୁ ପୁଣି ଗାଁରେ ଛାଡ଼ି ସହରକୁ ଚାଲିଆସେ, ଯିଏ ମା' ପେଟରୁ କନ୍ୟାଭ୍ରୂଣ ମାରି, କୁଆଁରୀ ଝିଅଙ୍କୁ ଅତ୍ୟାଚାର, ହତ୍ୟା କରିପାରେ, ଯୌତୁକ ଜୁଇରେ ନାରୀଙ୍କୁ ନିର୍ଯ୍ୟାତନା ଦେଇପାରେ ତ କାହାକୁ ଅତ୍ୟାଚାର କରି ଜିଅନ୍ତା ପୋଡ଼ିପାରେ, ସେଇ ମଣିଷ 'ଜନନୀ-ଜନ୍ମଭୂମି-ଜଗତଜନନୀ'ଙ୍କର ମହତ୍ତ୍ୱ କେବେ ବୁଝିଲାଣି ନା ଆଗକୁ କେବେ ବୁଝିବ ? ଦେଖାଯାଉ ଆଗକୁ କ'ଣ ଘଟୁଛି ସମୟ କହିବ...।

-ମଙ୍ଗରାଜପୁର, ବୀରହରେକୃଷ୍ଣପୁର, ପୁରୀ
ମୋ : ୭୦୦୮୧୮୮୮୪୭

## ପୁସ୍ତକ ସମୀକ୍ଷା

### ମରୁଡ଼ି-୧୯୬୫

**ଲେଖକ-ସାମୁଏଲ ଦାନୀ, ପ୍ରକାଶକ-କାବ୍ୟଲୋକ, ଭୁବନେଶ୍ୱର, ମୂଲ୍ୟ-୨୫୦ଟଙ୍କା**




ମରୁଡ଼ି-୧୯୬୫ ସାମୁଏଲଦାନୀଙ୍କ ଉପନ୍ୟାସ। ଲେଖକ କଳାହାଣ୍ଡିରେ ୧୯୬୫ରେ ହୋଇଥିବା ଭୟଙ୍କର ମରୁଡ଼ିର ଚିତ୍ର ଉପନ୍ୟାସରେ ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି । ଶ୍ରାବଣ, ଭାଦ୍ରବ ସରିଲା ବର୍ଷା ନାହିଁ। ବାଡ଼ିର ଜହ୍ନି, କାଙ୍କଡ଼, କୁମ୍ଭଡ଼ା ଓ କାକୁଡ଼ି ଏ ସବୁ କଷି ଧରିଲା ବେଳେ ହିଁ ବର୍ଷା ଉଭେଇ ଗଲା। ଧାନ ବିଲ ହିଡ଼ଗୁଡ଼ିକରେ ଲଗାଯାଇଥିବା ବିଲମୂଳକନ୍ଦା, ସାରୁ ଓ କୁଚେଇ କନ୍ଦା ଅତି ଦୁର୍ବଳ ହୋଇ ଗଜା ଦେଇଛି। ଏ ବର୍ଷ ଗଜାମରୁଡ଼ି। ବୁଢ଼ାଡଙ୍ଗର ଓ ତା'ର ଆରପଟ ଖମନରେ କରଡ଼ି ଆଉ ଫୁଟିଲା ନାହିଁ। ଛତୁ ସ୍ୱପ୍ନ ହେଲା। ବୁଢ଼ାମାନଙ୍କ ମଧ୍ୟରୁ ଜଣେ କହିଲା, 'ଧାରଣୀ କୋପ୍ କଲା ବାବୁ। ସଂସାରଥି ଖଟ୍ ମିଛ ବଢ଼ିଗଲା। ଯୁଗ୍ ବଦଳିଗଲା।' ମରୁଡ଼ିକୁ ନେଇ ଚମତ୍କାର ଭାବେ ଲେଖକ ଅନେକ କଥା କହିଛନ୍ତି। ଉପନ୍ୟାସର ଭବିଷ୍ୟତ ଉଜ୍ଜ୍ୱଳ ସନ୍ଦେହ ନାହିଁ।

### ଓଡ଼ିଆ ସାହିତ୍ୟ-ସଂସ୍କୃତି ଓ କବିଚନ୍ଦ୍ର କାଳୀଚରଣ

**ଲେଖକ-ଡକ୍ଟର ସର୍ବେଶ୍ୱର ସେଣ, ପ୍ରକାଶକ-ସାଇ ଯମୁନା ପବ୍ଲିକେଶନ୍ସ, କଟକ, ମୂଲ୍ୟ -୧୮୦ ଟଙ୍କା**

'ଓଡ଼ିଆ ସାହିତ୍ୟ-ସଂସ୍କୃତି ଓ କବିଚନ୍ଦ୍ର କାଳୀଚରଣ' ଡକ୍ଟର ସର୍ବେଶ୍ୱର ସେଣଙ୍କ ପ୍ରବନ୍ଧ ପୁସ୍ତକ । ଏଥିରେ ୨୮ଟି ପ୍ରବନ୍ଧ ସ୍ଥାନ ପାଇଛି। ଓଡ଼ିଆ ସାହିତ୍ୟ-ସଂସ୍କୃତି ଜଗତର ଏକାଙ୍କ ଚକ୍ରବର୍ତ୍ତୀ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ନିଜ ଜୀବନର ଲମ୍ବା ରାସ୍ତାର ହସକାନ୍ଦର ଅନୁଭବ, ଅନୁଭୂତି ପରଖି ଲେଖିଥିଲେ ଆତ୍ମଲିପି 'କୁମ୍ଭାରଚକ'। ଡ.ସେଣଙ୍କ କେତେକ ପ୍ରବନ୍ଧ କୁମ୍ଭାରଚକ ଉପରେ ଆଧାରିତ। ଏଗୁଡ଼ିକ ଓଡ଼ିଆ ସାହିତ୍ୟ ସଂସ୍କୃତି ଚର୍ଚ୍ଚାରେ ବିଶେଷତ୍ୱ ବହନ କରେ। ପ୍ରବନ୍ଧଗୁଡ଼ିକର ଭାଷା ସରଳ-ସହଜ ଓ ସାବଲୀଳ। ଲେଖାଗୁଡ଼ିକ ବେଶ୍ ସୁଖପାଠ୍ୟ ହୋଇଛି। ପୁସ୍ତକଟିକୁ ଗୁଣୀ ପାଠକ ନିଶ୍ଚୟ ଆଦରି ନେବେ ଏ ବିଶ୍ୱାସ ରହିଛି ।




### ନିଜ ନିବନ୍ଧ

**ଲେଖକ- ପ୍ରଫେସର ଆଦିକନ୍ଦ ସାହୁ**

**ପ୍ରକାଶକ-ପବ୍ଲିଶିଂ ହାଉସ୍, ଭୁବନେଶ୍ୱର,ମୂଲ୍ୟ-୩୬୦ ଟଙ୍କା**

ପ୍ରଫେସର ଆଦିକନ୍ଦ ସାହୁଙ୍କ ନିଜ ନିବନ୍ଧ ପୁସ୍ତକରେ ୫୦ଟି ନିବନ୍ଧ ସ୍ଥାନ ପାଇଛି। ଏହା କେବଳ ଗୋଟିଏ ପ୍ରବନ୍ଧ ସଂକଳନ ନୁହେଁ, ସେଥିରେ ଲେଖକଙ୍କର ରହିଛି ଏପିଟାଫ୍‌ର ଭାବ ଓ ଭାଷା। ଲେଖକଙ୍କର ପ୍ରଥମ ପ୍ରବନ୍ଧ ହେଉଛି ପାଚେରି ବିହୀନ ଆମ ବିଶ୍ୱର ଭାବଜଗତ। ଏଥିରେ ସେ କହିଛନ୍ତି, ଭାଷା ନାମରେ, ବର୍ଣ୍ଣ ନାମରେ ଓ ସଂସ୍କୃତି ନାମରେ ଆମର ଏ ଅଖଣ୍ଡ ପୃଥିବୀ ଭାଗ ଭାଗ ହୋଇଛି। ମାତ୍ର ସକଳ ବିଭାଜନ ଊର୍ଦ୍ଧ୍ୱରେ ଆମର ବିଶ୍ୱଗର୍ବିତ ଏ ଅବିଭାଜ୍ୟ ଭାବଜଗତ। ଏଭଳି ଅନେକ ଚିନ୍ତା ଉଦ୍ରେକକାରୀ ପ୍ରବନ୍ଧ ପୁସ୍ତକରେ ସ୍ଥାନ ପାଇଛି। ପ୍ରଫେସର ସାହୁଙ୍କର ଭାଷାଭୂଗୋଳ ନିରପେକ୍ଷ ସାହିତ୍ୟାନୁଶୀଳନ କ୍ଷେତ୍ରରେ ଖ୍ୟାତି ରହିଛି। ମୁଖ୍ୟତଃ ସେ ଜଣେ ପ୍ରବୀଣ ସୌନ୍ଦର୍ଯ୍ୟତାତ୍ତ୍ୱିକ ତଥା ତୁଳନାତ୍ମକ ସାହିତ୍ୟ ସମାଲୋଚକ । ଆଶା ପୁସ୍ତକଟି ପାଠକାଦୃତି ଲାଭ କରିବ।



# ବିବାହ କଲେ ଭିଡିଓ ଗେମ୍ ଗର୍ଲଫ୍ରେଣ୍ଡକୁ

ଭିଡିଓ ଗେମ୍ ଖେଳିବାକୁ ଅନେକେ ପସନ୍ଦ କରନ୍ତି। କେହି କେହି ତ ଏହି ଗେମ୍ ଖେଳିବାବେଳେ ସେହି ଦୁନିଆରେ ହିଁ ହଜିଯାନ୍ତି। ଭୁଲିଯାଆନ୍ତି ନିଜର ବାସ୍ତବିକ ଦୁନିଆକୁ। କହିବାକୁ ଗଲେ ସେମାନେ ହୋଇଯା'ନ୍ତି ଆଡିକ୍ଟେଡ୍। ଆଉ ସେହି ଅବାସ୍ତବ ଦୁନିଆ ତାଙ୍କ ପାଇଁ ସବୁକିଛି ପାଲଟିଯାଏ। ସେମିତି ଜଣେ ବ୍ୟକ୍ତି ହେଉଛନ୍ତି ଜାପାନର 'ସାଲ ୯୦୦୦' ନାମକ ଜଣେ ବ୍ୟକ୍ତି। ନିନ୍‌ଟେଣ୍ଡୋ ଡିଏସ୍ ଭିଡିଓ ଗେମ୍, ଯାହାକି ଲଭ୍ ପ୍ଲସ୍ ଭାବେ ପରିଚିତ ସେ ତାରି ପାଇଁ ପାଗଳ। ଆଉ ଏମିତି ପାଗଳ ଯେ, ଗେମ୍‌ର ଏକ ସୁନ୍ଦର ଝିଅ କ୍ୟାରେକ୍ଟର





'ନେନେ ଆନେଗସ୍‌କି' କୁ ଭଲ ପାଇ ବସିଛନ୍ତି। ଖାଲି ସେତିକି ନୁହେଁ, ସେହି ଭର୍ଚୁଆଲ ଗର୍ଲଫ୍ରେଣ୍ଡକୁ ବିବାହ ବି କରିଛନ୍ତି। ଟୋକିଓ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲଜିରେ ହୋଇଥିବା ଏହି ବିବାହରେ ଜଣେ ପୁରୋହିତ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ବିବାହର ଲାଇଭ୍ ଟେଲିକାଷ୍ଟ ଜାପାନର ପପୁଲାର ଭିଡିଓ ଶେରିଂ ୱେବସାଇଟ୍ 'ନିକୋ ନିକୋ ଦୁଗା'ରେ ହୋଇଥିଲା। ଆଉ ଅନେକ ଲୋକ ଅନ୍‌ଲାଇନ୍‌ରେ ଏହାକୁ ଦେଖିଥିଲେ। ଏହି ଅଜବ ବିବାହର ଆନନ୍ଦ ଉଠାଇଥିଲେ।



# ହାତୀ ପାଇଁ ସ୍ୱେଟର

ଶୀତଦିନେ ଶୀତରୁ ରକ୍ଷା ପାଇବା ପାଇଁ ଶୀତବସ୍ତ୍ର ସମସ୍ତେ ପିନ୍ଧନ୍ତି। ହେଲେ କେବେ କୌଣସି ପଶୁଙ୍କୁ ଶୀତବସ୍ତ୍ର ପିନ୍ଧିବା ଦେଖି ନ ଥିବେ। ଯଦିଓ ଆଜିକାଲି କେହି କେହି ନିଜର ପେଟ୍‌ଙ୍କୁ ଶୀତବସ୍ତ୍ର ପିନ୍ଧାଉଛନ୍ତି। ହେଲେ କେବେ କୌଣସି ହାତୀକୁ ଶୀତବସ୍ତ୍ର ପିନ୍ଧିଥିବା ଦେଖି ନ ଥିବେ। ଭାବୁଥିବେ ଏତେ ବଡ଼ ପ୍ରାଣୀକୁ ବା କେମିତି ସ୍ୱେଟର ପିନ୍ଧାଇହେବ। ତେବେ ଉତ୍ତର ଭାରତର ମଥୁରାରେ ଏବେ ହେଉଥିବା ପ୍ରବଳ ଶୀତରୁ ରକ୍ଷା ଦେବା ପାଇଁ ଗ୍ରାମବାସୀ ହାତୀଙ୍କ ପାଇଁ ସ୍ୱେଟର ତିଆରି କରିଛନ୍ତି। ଆଉ ରଙ୍ଗ ବେରଙ୍ଗର ସୁନ୍ଦର ସ୍ୱେଟର ହାତୀମାନଙ୍କୁ ପିନ୍ଧାଇଛନ୍ତି ମଧ୍ୟ। ଫଳରେ ସେମାନେ ଦେଖାଯାଉଛନ୍ତି ବେଶ୍ ଆକର୍ଷକ। ଏହାର ଫଟୋକୁ ଆଇଏଫ୍‌ଏସ୍ ଅଧିକାରୀ ପରବୀନ କାସବାନ ନିଜର ଟୁଇଟର ଆକାଉଣ୍ଟରେ ଶେୟାର କରିଛନ୍ତି। ଫଟୋରେ ଦୁଇଜଣ ମହିଳା ହାତୀକୁ କିଛି ଖୁଆଇବା ସହ ସ୍ୱେଟର ପିନ୍ଧାଉଥିବା ଦେଖିବାକୁ ମିଳେ। ପ୍ରାଣୀଙ୍କ ପ୍ରତି ଗ୍ରାମବାସୀଙ୍କର ଏତେ ଭଲପାଇବା ସମସ୍ତଙ୍କ ମନ ଜିଣି ନେଇଛି।





ବ୍ୟାକ୍ ପେଜ୍

# ଇଲେକ୍ଟ୍ରିକ୍ ମୋହନ



ବେଳେବେଳେ ବୈଦ୍ୟୁତିକ ସାମଗ୍ରୀ ବ୍ୟବହାର କରିବା ସମୟରେ ସାମାନ୍ୟ ଅସାବଧାନତା ହେଲେ ଶରୀରରେ ବିଦ୍ୟୁତ୍ ପ୍ରବାହ ହୋଇ ମଣିଷର ଜୀବନ ଚାଲିଯାଏ। କିନ୍ତୁ ଏମିତି ଜଣେ ବ୍ୟକ୍ତି ଅଛନ୍ତି, ଯାହାଙ୍କ ଶରୀର ମଧ୍ୟକୁ ବିଦ୍ୟୁତ୍ ପ୍ରବାହ ହେଲେ ମଧ୍ୟ ତାଙ୍କର କୌଣସି କ୍ଷତି ଘଟି ନ ଥାଏ। ଶୁଣି ଆଶ୍ଚର୍ଯ୍ୟ ଲାଗୁଥିବ। ହେଲେ କେରଳର ରାଜମୋହନ ନାୟାରଙ୍କ କ୍ଷେତ୍ରରେ ସତରେ ଏଭଳି ଘଟିଥାଏ। ତେଣୁ ତାଙ୍କୁ ସମସ୍ତେ 'ଇଲେକ୍ଟ୍ରିକ୍ ମୋହନ' ବୋଲି ଡାକନ୍ତି। ତାଙ୍କ ଆଗରେ କୌଣସି ବିଜ୍ଞାନ କାମ କରେ ନାହିଁ। ପ୍ରକୃତିର ନିୟମଠାରୁ ବିପରୀତ ଏବଂ ବିଜ୍ଞାନର କଣ୍ଡକ୍ସନ ଥିଓରୀର ଓଲଟା ଘଟିଥାଏ ତାଙ୍କ ଶରୀରରେ। ମଣିଷ ଶରୀର ବିଦ୍ୟୁତ୍ ସୁପରିବାହୀ। ତେଣୁ ଶରୀର ମଧ୍ୟ ଦେଇ ବିଦ୍ୟୁତ୍ ବହୁତ ଭଲଭାବେ ପ୍ରବେଶ କରିପାରେ। ଆଉ ଯେବେଯେବେ ଏଭଳି ହୁଏ, ମଣିଷର ମୃତ୍ୟୁ ଘଟେ। କିନ୍ତୁ ନାୟାରଙ୍କ ଶରୀରରେ ବୈଦ୍ୟୁତିକ କପର ତାରକୁ ସ୍ପର୍ଶ କରାଇ ୨୦୦୦ ୱାଟର ବିଦ୍ୟୁତ୍ ପ୍ରବାହ କଲେ ବି କିଛି କ୍ଷତି ହୁଏ ନାହିଁ। ଏମିତି କେମିତି ସମ୍ଭବ ହେଉଛି ବୈଜ୍ଞାନିକମାନେ ବି ବୁଝିପାରୁ ନାହାନ୍ତି। ଆଉ ଯାହା ବିଜ୍ଞାନ ପରିଧିରୁ ଊର୍ଦ୍ଧ୍ୱରେ ତାହା ନିଶ୍ଚିତଭାବେ କେବଳ ଚମତ୍କାର ଅଟେ।